**ଅଁଳା ନବମୀ ପାଳିତ**

ଲୋଇସିଂହା,(ସୁଶାନ୍ତ ବାରିକ): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ରୁଗୁଡ଼ିଖାଲ ରାମ ମନ୍ଦିରରେ କାର୍ତ୍ତିକ ମାସ ଅଁଳା ନବମୀ ଉପଲକ୍ଷେ ପ୍ରଭୁ ରାମଚନ୍ଦ୍ରଙ୍କଠାରେ ୫୬ ଭୋଗ ଅର୍ପଣ ମଙ୍ଗଳବାର କରାଯାଇଛି। ଏହି ଅବସରରେ ତୁଳସୀ ରାମାୟଣ ସୁନ୍ଦରାକାଣ୍ଡକୁ ବ୍ୟାସ ମଧୁସ୍ମିତା ମହାପାତ୍ର ପରାୟଣ କରିଥିଲେ। ମନ୍ଦିର ପୂଜକ ପୂଜାର୍ଚ୍ଚନା କରିଥିଲେ। ମାନସ ଯଜ୍ଞ କମିଟି ସଭାପତି ଯୁଧିଷ୍ଠିର ପଧାନ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଞ୍ଚଳବାସୀ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଆକ୍ରମଣ ଘଟଣାରେ ଜଣେ ଗିରଫ

ଲୋଇସିଂହା,୨୧।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ଥାନା ଅନ୍ତର୍ଗତ ଗଣ୍ଡପାଲି ଗ୍ରାମର ଜଣେ ବ୍ୟକ୍ତି ତାଙ୍କ ବଡଭାଇ ଓ ଭାଉଜଙ୍କୁ ଆକ୍ରମଣ କରବା ଅଭିଯୋଗରେ ମଙ୍ଗଳବାର ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ସୌକି ନାଗ(୩୮) । ମଙ୍ଗଳବାର ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବଲାଙ୍ଗୀର ଜେଲକୁ ପଠାଇ ଦିଆଯାଇଛି। ସୌକି ତାଙ୍କ ବଡଭାଇ ଓ ଭାଉଜଙ୍କୁ ଏକ ଇଟାରେ ଆକ୍ରମଣ କରିବାରେ ସେମାନେ ଲହୁଲୁହାଣ ହେଇଥିଲେ। ବଡଭାଇ ଏବଂ ଭାଉଜଙ୍କ ଏତଲା ଆଧାରରେ ଥାନାରେ ଏକ ମାମଲା (୨୧୫/୨୩)ରୁଜୁ ହୋଇଥିବା ଆଇଆଇସି ବାସୁଦେବ ଭୋଇ କହିଛନ୍ତି।

### ଟ୍ରେନ୍‌ରେ କଟି ମାଛ ବ୍ୟବସାୟୀ ମୃତ

କଣ୍ଟାବାଞ୍ଜି, ୨୧।୧୧(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହର ଚିଙ୍ଗିରିପଡାର ଜଣେ ମାଛ ବ୍ୟବସାୟୀ ମଙ୍ଗଳବାର ସ୍ଥାନୀୟ ଏନଏସି ନିକଟ ରେଳଫାଟକରେ ଟ୍ରେନରେ କଟି ମୃତ୍ୟୁ ଘଟିଛି। ସେ ହେଲେ ଦୁର୍ଜେ ରଣା (୬୨)। ଦୁର୍ଜେ ମାଛ ବିକିସାରି ଏନଏସି ନିକଟ ବନ୍ଦ ଥିବା ସାଇକେଲକୁ ପୁରୁଣା ରେଳ ଫାଟକ ପାର କରୁଥିବା ବେଳେ ଏକ ମାଲବାହୀ ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା। କଣ୍ଟାବାଞ୍ଜି ଜିଆରପି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

### ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ: ଚନ୍ଦ୍ରପୁର, ତେତେଲମୁଣ୍ଡା ବିଜୟୀ

ବେଲପଡ଼ା,୨୧।୧୧(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ଡେବ୍ରିପାଲି ଗ୍ରାମ ଖେଳ ପଡିଆରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟରେ ମଙ୍ଗଳବାର ୨ଟି ମ୍ୟାଚ ଖେଳାଯାଇଥିଲା। ପ୍ରଥମ ଖେଳ ମଲିକମୁଣ୍ଡା ଓ ଚନ୍ଦ୍ରପୁର ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ୧-୧ଗୋଲରେ ବରାବର ରହିଥିଲା। ପେନାଲଟି ସୁଟ୍‌ଆଉଟ୍‌ରେ ଚନ୍ଦ୍ରପୁର ବିଜୟୀ ହୋଇଥିଲା। ଦିବସର ଦ୍ୱିତୀୟ ଖେଳ ତେତେଲମୁଣ୍ଡା ଓ ଭରୁଆମୁଣ୍ଡା ମଧ୍ୟରେ ହୋଇଥିଲା। ତେତେଲମୁଣ୍ଡା ୨-୦ଗୋଲରେ ବିଜୟୀ ହୋଇଥିଲା। ପ୍ରଥମ ଖେଳର ଅତିଥିଭାବେ ତେତେଲମୁଣ୍ଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ଭୀମସେନ ମେହେର ଓ ମହେଶ୍ୱର ନାଗ, ଦ୍ୱିତୀୟ ଖେଳରେ ଅତିଥିଭାବେ ଶିକ୍ଷକ ବୁଲୁ ଠାକୁର, ଗୌର ନାୟକ ନାୟକ, ମଧୁସୂଦନ ନାଗ ଯୋଗଦେଇଥିଲେ।

### ସଂଗ୍ରାମୀ ବୀର ସୁନାଙ୍କ ଜୟନ୍ତୀ ପାଳିତ

ପାଟଣାଗଡ,୨୧।୧୧(ପ୍ରହ୍ଲାଦ ପାଢ଼ି)

ବଲାଙ୍ଗୀର ଜିଲା ପାଟଣାଗଡ ଉପଖଣ୍ଡସ୍ଥ ସୁନାମୁଦି ଗ୍ରାମରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ସଂଗ୍ରାମୀ ସ୍ୱର୍ଗତ ବୀର ସୁନାଙ୍କ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ବୀରସୁନା ସ୍ମୃତି କମିଟି ଓ ଜିଲା ଦଳିତ ସମାଜ ବଲାଙ୍ଗୀର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ଗ୍ରାମରେ ଏକ ଶୋଭାଯାତ୍ରା କରାଯାଇଥିଲା। ପରବର୍ତ୍ତୀ ସମୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଜିଲା ଯୋଜନା ବୋର୍ଡ ସଦସ୍ୟ ତଥା ବଲାଙ୍ଗୀର ମ୍ୟୁନିସିପାଲଟି ୱାର୍ଡ ନମ୍ବର ୭ କାଉନସିଲର ଶମ୍ଭୁ ନାଗ ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବେ ବଲାଙ୍ଗୀର ମ୍ୟୁନିସପାଲଟି ୱାର୍ଡ ନମ୍ବର ୧୦ କାଉନସିଲର କିଶୋର କୁମ୍ଭାର, ଜିଲା ଦଳିତ ଶିକ୍ଷକ ସଂଘ ସଭାପତି ବସୁଦେବ ମୁଗ୍ରୀ, ଅବସରପ୍ରାପ୍ତ ସୈନିକ କବିରାଜ ଶବର ଓ ନବୀନ କାଲସାଏ ମଞ୍ଚାସୀନ ଥିଲେ। ସଂଗ୍ରାମୀ ବୀର ସୁନାଙ୍କ ଫଟୋଚିତ୍ରରେ ଦ୍ୱୀପ ପ୍ରଜ୍ୱଳନ ପରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଅତିଥିମାନେ ତାଙ୍କ ବକ୍ତବ୍ୟରେ ସଂଗ୍ରାମୀ ବୀର ସୁନାଙ୍କ ସ୍ମୃତିଚାରଣ କରିଥିଲେ। ଏଭଳି ଜଣେ ସ୍ୱତନ୍ତ୍ରତା ସେନାନୀଙ୍କୁ ପ୍ରଶାସନିକ କ୍ଷେତ୍ରରେ ଅବହେଳା କରାଯାଇଛି ବୋଲି ଅସନ୍ତୋଷ ପ୍ରକାଶ କରିଥିଲେ। ତାଙ୍କୁ ଉଚିତ ନ୍ୟାୟ ମିଳିବା ପାଇଁ ଓ ଆଗାମୀ ଦିନରେ ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ସଭାରେ ମତପ୍ରକାଶ ପାଇଥିଲା। କୁନା ବାଗ ମଞ୍ଚ ପରିଚାଳନା କରିଥିବାବେଳେ ବୀରେନ ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଭାବୀ ବିକ୍ରିର ଶିକାର ମକାଚାଷୀ

କୋକସରା,୨୧।୧୧(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)


ଚାଷୀ ପରିବାର ସଦସ୍ୟମାନେ ମକା ଅମଳ କରୁଛନ୍ତି।

**କୋକସରା ବ୍ଲକ**
- ମଣ୍ଡି ବ୍ୟବସ୍ଥା କରିବାକୁ ଚାଷୀଙ୍କ ଦାବି
- ବ୍ଲକରେ ୧୮ଶହ ହେକ୍ଟର ଜମିରେ ମକାଚାଷ ହୋଇଛି
- ମଣ୍ଡି ଖୋଲିବାକୁ ଜିଲା ପ୍ରଶାସନକୁ ପ୍ରସ୍ତାବ ଦିଆଯାଇଛି: ବ୍ଲକ କୃଷି ଅଧିକାରୀ

କଳାହାଣ୍ଡି ଜିଲା କୋକସରା ବ୍ଲକ ସାହାଜଖୋଲ ଜଙ୍ଗଲ ନିକଟବର୍ତ୍ତୀ ଗାଁଗୁଡିକରେ ପର୍ଯ୍ୟାପ୍ତ ମାତ୍ରାରେ ମକାଚାଷ ଗତ କିଛିବର୍ଷ ହେବ କରାଯାଉଛି। ବ୍ଲକର ଅନେକ ପଞ୍ଚାୟତରେ ଧାନ ଚାଷ ପାଇଁ ଜଳସେଚନର କୌଣସି ସୁବିଧା ନ ଥିବା ବେଳେ ମକାଚାଷ ସ୍ୱଳ୍ପ ବୃଷ୍ଟିପାତରେ ମଧ୍ୟ ହେଉଥିବାରୁ ଅଣ ଜଳସେଚିତ ଗୋଟୋମୁଣ୍ଡା, ସାନପୋଡ଼ପଡ଼ା, ଆମପାଣି, ବଡ଼ପୋଡ଼ପଡ଼ା, ମହିମା ପଞ୍ଚାୟତକୁ ଲାଗି ରହିଥିବା ସାହାଜଖୋଲ ଜଙ୍ଗଲ ନିକଟବର୍ତ୍ତୀ ଗାଁଗୁଡିକରେ ଅନେକ ଚାଷୀମାନେ ମକାଚାଷକୁ ଜୀବନ ଜୀବିକା ଭାବେ ବାଛି ନେଇଛନ୍ତି। ତେବେ ଅମଳ ହୋଇଥିବା ମକା ବିକ୍ରି କରିବା ପାଇଁ ସରକାରୀସ୍ତରରେ କୌଣସି ବଜାର ବ୍ୟବସ୍ଥା ନ ଥିବା ଯୋଗୁ ପଡୋଶୀ ଜିଲା ନବରଙ୍ଗପୁର, ଉମରକୋଟ ଅଞ୍ଚଳ, ବିହାରି, ବଙ୍ଗାଳି ଦଲାଲ କିମ୍ବା ସ୍ଥାନୀୟ କିଛି ଲାଭଖୋର ଅଣଓଡିଆ ସାହୁକାରଙ୍କୁ ସରକାରୀ ଧାର୍ଯ୍ୟ ଦରରୁ କମ ଦରରେ ମକା ବିକ୍ରି କରୁଥିବା କହିଛନ୍ତି ଚାଷୀ। ବ୍ଲକ କୃଷି ବିଭାଗରୁ ମିଳିଥିବା ସୂଚନା ଅନୁସାରେ କୋକସରା ବ୍ଲକରେ ମୋଟ ୧୮ଶହ ହେକ୍ଟର ଜମିରେ ମକାଚାଷ ହୋଇଥିବା ବେଳେ ଚାଷୀଙ୍କୁ କୃଷି ବିଭାଗ ପକ୍ଷରୁ ମକା ବିହନ ଯୋଗାଇ ଦିଆଯାଇଛି। ମକା ମଣ୍ଡି ଖୋଲିବାକୁ ଜିଲା ପ୍ରଶାସନ ନିକଟରେ ମଧ୍ୟ ପ୍ରସ୍ତାବ ଦିଆଯାଇଛି ବୋଲି ବ୍ଲକ କୃଷି ଅଧିକାରୀ ରାକେଶ ରଞ୍ଜନ ମାଝି କହିଛନ୍ତି। ତେବେ ବ୍ଲକରେ ବେସରକାରୀ ଭାବେ ୫ ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଜମିରେ ମକାଚାଷ ହୋଇଥିବା ଜଣାପଡିଛି। ମକା ବିକ୍ରି ପାଇଁ ସରକାରୀ ସ୍ତରରେ କୌଣସି ବଜାର ବ୍ୟବସ୍ଥା କିମ୍ବା ମଣ୍ଡି ନାହିଁ । ଫଳରେ ଚାଷୀ ଅମଳ କରିବା ପରେ ମକାକୁ ୧୬ଶହରୁ ୧୭ଶହ ଟଙ୍କା ଦରରେ ଦଲାଲଙ୍କ ଜରିଆରେ ବିକ୍ରି କରୁଥିବା ଅଭିଯୋଗ କରିଛନ୍ତି। ଏ ନେଇ ଧର୍ମଗଡ଼ ବିଧାୟକ ମୋଷଧି ବାଗଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଆଗାମୀ ଦିନରେ ମକାଚାଷୀଙ୍କ ବିକ୍ରି ସୁବିଧା ପାଇଁ ବଜାର ବ୍ୟବସ୍ଥା କରିବାକୁ ମୁଁ ରାଜ୍ୟ ସରକାରଙ୍କ ନିକଟରେ ଦୃଷ୍ଟି ଆକର୍ଷଣ କରିବି ବୋଲି କହିଛନ୍ତି।

## ବିରଞ୍ଚି ଦାଶ ପାଇଲେ ମହତାବ ଶିଶୁ ସାହିତ୍ୟ ସମ୍ମାନ


ବିରଞ୍ଚି ନାରାୟଣ ଦାଶଙ୍କୁ କାକା ମହତାବ ଶିଶୁ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଉଛି।

କଣ୍ଟାବାଞ୍ଜି,୨୧।୧୧(ଗୁରୁଦୟାଲ ହଂସ)

ପଶ୍ଚିମ ଓଡ଼ିଶାର ଅଗ୍ରଣୀ ସଂସ୍ଥା କାକା ମହତାବ ଶିଶୁ ସାହିତ୍ୟ ସଂସଦ ବରଗଡ଼ର ୩୧ତମ ବାର୍ଷିକ ଉତ୍ସବ ଓ ଉତ୍କଳ କେଶରୀ ହରେକୃଷ୍ଣ ମହତାବ ଜୟନ୍ତୀ ସ୍ଥାନୀୟ ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟରେ ପାଳିତ ହୋଇଯାଇଛି। ଏହି ଅବସରରେ ନିର୍ଝରିଣୀ କଣ୍ଟାବାଞ୍ଜିର ସମ୍ପାଦକ ଶିଶୁ ସାହିତ୍ୟିକ ବିରଞ୍ଚି ନାରାୟଣ ଦାଶଙ୍କୁ ସଂସଦ ତରଫରୁ କାକା ମହତାବ ଶିଶୁ ସାହିତ୍ୟ ସମ୍ମାନ ପ୍ରଦାନ କରିବା ସହିତ ମାନପତ୍ର, ଉପଢୌକନ ଦିଆଯାଇଥିଲା। ସମ୍ବର୍ଦ୍ଧନା ସଭାରେ ସଂସଦ ସଭାପତି ଗୋପବନ୍ଧୁ ପୁରୋହିତ ସଭାପତିତ୍ୱ କରିଥିଲେ। ଅନୁଷ୍ଠିତ ସଭାରେ ସାହିତ୍ୟିକ ଦିବ୍ୟକିଶୋର ଦେବତା ମୁଖ୍ୟ ଅତିଥି, ବାଲ ସାହିତ୍ୟ ପୁରସ୍କାର ପ୍ରାପ୍ତ ଡ.ଯୁଗଳ କିଶୋର ଷଡ଼ଙ୍ଗୀ ମୁଖ୍ୟବକ୍ତା, ପ୍ରଧାନଶିକ୍ଷକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସଂସଦ ସମ୍ପାଦକ ଡ.ରବିନାରାୟଣ ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବାଲ ସାହିତ୍ୟ ପୁରସ୍କାରପ୍ରାପ୍ତ ଡ.ଷଡ଼ଙ୍ଗୀଙ୍କୁ ଫୁଲତୋଡା ଓ ଅଙ୍ଗବସ୍ତ୍ର ଦେଇ ସମ୍ମାନିତ କରାଯାଇଥିଲା। ସଭାରେ ବିଦ୍ୟାଶ୍ରୀ ଭ୍ରାମ୍ୟମାଣ ପାଠାଗାରର ପ୍ରତିଷ୍ଠାତା ବୃନ୍ଦାବନ କୁମ୍ଭାରଙ୍କୁ ମଧ୍ୟ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା।

# ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ଅଞ୍ଚଳବାସୀ

ଦେଓଗାଁ,୨୧।୧୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

**ସୋନଗଡ ବ୍ୟାରେଜ ପ୍ରକଳ୍ପକୁ ଅନୁଦାନ ମଞ୍ଜୁର**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକବାସୀ ଦୀର୍ଘ ଦୁଇଦଶନ୍ଧି ଧରି ଦାବି କରି ଆସୁଥିବା ସୋନଗଡ ବାରେଜ ବା ଭୂତଳ ଜଳ ସଂରକ୍ଷଣ ପ୍ରକଳ୍ପକୁ ରାଜ୍ୟ ସରକାର ମଞ୍ଜୁର ଦେଇଛନ୍ତି। ଏଥିପାଇଁ ୪୯ କୋଟି ଟଙ୍କା ମଞ୍ଜୁରି ମିଳିଛି । ଏହାକୁ ସୋନଗଡ ବ୍ୟାରେଜ କ୍ରିୟାନୁଷ୍ଠାନ କମିଟି ପେକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ମଙ୍ଗଳବାର ସୋନଗଡ ନଦୀ ଖଣ୍ଡିରେ ବରିଷ୍ଠ ବିଜେଡି ନେତା ତଥା ସୋନଗଡ ବ୍ୟାରେଜ କ୍ରିୟାନୁଷ୍ଠାନ କମିଟି ଆବାହକ ଲକ୍ଷ୍ମଣ କୁମାର ମେହେର ଏକ ଖବରଦାତା ସମ୍ମିଳନୀ କରିଥିଲେ। କମିଟି ସମ୍ପାଦକ ପବିତ୍ର ପଧାନ, ସଦସ୍ୟ ପ୍ରମୋଦ ବହିଦାର, ସଞ୍ଜିବ ପଧାନ, ସୁଶାନ୍ତ ସାହୁ, ଟିଟୁ ପଧାନଙ୍କ ସମେତ ଦେଓଗାଁ ଓ ବଲାଙ୍ଗୀର ବ୍ଲକର ଚାଷୀମାନେ ଉପସ୍ଥିତ ରହି ଓଡ଼ିଶାର ମୁଖ୍ୟମନ୍ତ୍ରୀ, ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ ୫-ଟି ଅଧକ୍ଷ ଭି.କେ ପାଣ୍ଡିଆନ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଜଳସମ୍ପଦ ବିଭାଗ ସ୍ୱତନ୍ତ୍ର ସଚିବ ଡ. ତ୍ରିବିକ୍ରମ ପଧାନ, ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ହାଇସିଂ ବୋର୍ଡ ଅଧକ୍ଷ କଳିକେଶ ନାରାୟଣ ସିଂଦେଓ, ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧକ୍ଷ ଅସିତ ତ୍ରିପାଠୀ, ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂ, ବିଜେଡି ଯୁବନେତା ଅର୍କେଶ ନାରାୟଣ ସିଂଦେଓ ପ୍ରମୁଖ ଏହି ପ୍ରକଳ୍ପରେ ସହଯୋଗ କରିଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ପ୍ରକଳ୍ପ ଦ୍ୱାରା ଦେଓଗାଁ, ଗୁଡଭେଲା, ବଲାଙ୍ଗୀର ବ୍ଲକର ୨୬ଟି ଗାଁର ଚାଷୀଙ୍କ ୨୧୨୧ ହେକ୍ଟର ଚାଷ ଜମି ଜଳସେଚିତ ହେବ ବୋଲି ମେହେର ସୂଚନା ଦେଇଥିଲେ। ଏହି ପ୍ରକଳ୍ପରେ ୫୬ କୋଟି ବ୍ୟୟଅଟକଳରେ ବୃହତ ଉଠାମେଗା ଜଳସେଚନ ପ୍ରକଳ୍ପ ପାଇଁ ଚାଷୀମାନେ ଦାବି କରିଆସୁଥିବାବେଳେ ତାହା ମଧ୍ୟ ସରକାରୀ ସ୍ତରରେ ସବୁଜ ସଙ୍କେତ ମିଳିସାରିଛି ବୋଲି ସୂଚନା ଦେଇଥିଲେ । ସୋନଗଡ ବ୍ୟାରେଜ କ୍ରିୟାନୁଷ୍ଠାନ କମିଟି ସମ୍ପାଦକ ଶୈଳେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜମି ବିବାଦରୁ ଗଣ୍ଡଗୋଳ, ୬ ଗିରଫ

ଲୋଇସିଂହା,୨୧।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ଥାନା ସଦର ଗାଁ ଆଗଲପୁରରେ ଜମି ବିବାଦକୁ କେନ୍ଦ୍ର କରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଏହି ଘଟଣାରେ ପୋଲିସ ଉଭୟ ପକ୍ଷରୁ ୬ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି । ସେମାନେ ହେଲେ ରଞ୍ଜିତ ନାଗ(୫୫),କିଶୋରୀ ନାଗ(୫୦), ମାନସ ନାଗ(୧୯), କାର୍ତ୍ତିକ କର୍ଣ୍ଣ(୫୦), ରାଜୁ ନାଗ(୩୨) ଓ ବୀରେନ୍ଦ୍ର ନାଗ । ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବଲାଙ୍ଗୀର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଏନେଇ ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିବା ଆଇଆଇସି ବାସୁଦେବ ଭୋଇ କହିଛନ୍ତି ।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଶିବିର ଉଦ୍‌ଘାଟନୀ ସଭାରେ ମଞ୍ଚାସୀନ ଅତିଥି।

ମୁରିବାହାଲ,୨୧।୧୧(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ସମିତି ଅଧକ୍ଷ ହରିବନ୍ଧୁ ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ପରିସରରେ ଅନୁଷ୍ଠିତ ଶିବିରରେ ବ୍ଲକ ଆକାଉଣ୍ଟ ଅଧିକାରୀ ଘେନୁରାମ ତାଣ୍ଡି ଅଧକ୍ଷତା କରିଥିଲେ। ସମ୍ମାନୀତ ଅତିଥିଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ମିଥିଳା ମାଝି, ଏମ୍‌ପି ନୋମିନୀ ଶ୍ରୀବତ୍ସ ବେହେରା, ବ୍ଲକ ଉପାଧ୍ୟକ୍ଷ ଯାଜ୍ଞସେନି ହାତୀ, ସରପଞ୍ଚ ସଂଘ ସଭାପତି ବିଶବିହାରୀ ଯୋଶୀ, ଡିଏସଏସଓ ମଦନଜିତ ହୋତା, ସିଡିପିଓ ସୁପ୍ରଭା ମହାପାତ୍ର, ଫେଡେରେଶନ ସଭାପତି ସାବିତ୍ରୀ ମହାନନ୍ଦ ଉପସ୍ଥିତ ଥିଲେ । ଶିବିରରେ ୩୯୦ଜଣ ଭିନ୍ନକ୍ଷମ ସେମାନଙ୍କ ନାମ ପଞ୍ଜୀକୃତ୍ୟ କରିଥିଲେ। ସେମାନଙ୍କ ମଧ୍ୟରୁ ୪୭ଜଣ ଭିନ୍ନକ୍ଷମଙ୍କୁ ସ୍ୱତନ୍ତ୍ର ଉପକାରଣ ଓ ୩୮ଜଣଙ୍କୁ ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ କରାଯାଇଥିଲା। ମୁରିବାହାଲ ବିଏସଏସଓ ରିଙ୍କୁ ମେହେରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ପ୍ରତିଭାମୟୀଙ୍କ ପ୍ରକଳ୍ପ ଜାତୀୟସ୍ତରକୁ ମନୋନୀତ


ଅତିଥିଙ୍କଠାରୁ ପୁରସ୍କୃତ ହେଉଛନ୍ତି ଛାତ୍ରୀ ପ୍ରତିଭାମୟୀ ତ୍ରିପାଠୀ।

ଲୋଇସିଂହା,୨୧।୧୧(ସୁଶାନ୍ତ ବାରିକ)

ଶିଶୁ ବିଜ୍ଞାନ କଂଗ୍ରେସରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ପ୍ରତିଭାମୟୀ ତ୍ରିପାଠୀ ଓ ଐଶ୍ୱର୍ଯ୍ୟା ତ୍ରିପାଠୀଙ୍କ ପର୍ବପର୍ବାଣୀରେ ବୈଜ୍ଞାନିକତା ଉପରେ ଏକ ଅଧ୍ୟୟନ ପ୍ରକଳ୍ପ ଜାତୀୟସ୍ତରକୁ ମନୋନୀତ ହୋଇଛି। ଗତ ୧୮ ଓ ୧୯ ତାରିଖ ଦୁଇଦିନ ଧରି ଭୁବନେଶ୍ୱର ଭୁନ ବିଦ୍ୟାଳୟରେ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ ଅନୁଷ୍ଠିତ ହୋଇଯାଇଥିଲା। ଏଥିରେ ବଲାଙ୍ଗୀର ଜିଲା ସଂଯୋଜକ ଆନନ୍ଦ ବଡପଣ୍ଡାଙ୍କ ନେତୃତ୍ୱରେ ୪ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ସେଥିରୁ ଲୋଇସିଂହା ବ୍ଲକ ଯୋଗୀସର୍ଡ ହରିହର ନୋଡାଲ ହାଇସ୍କୁଲର ୨ଟି ପ୍ରକଳ୍ପ ରହିଥିଲା । ନବମ ଶ୍ରେଣୀର ଛାତ୍ରୀ କିରନମୟୀ ସାହୁ ସହଯୋଗୀ ସହପାଠୀ ପ୍ରତୀକ୍ଷା ହରପାଲ ଏବଂ ମାଗଦର୍ଶକ ଶିକ୍ଷକ ନରେଶ ଦ୍ୱାରିଙ୍କ ଦ୍ୱାରା ପ୍ରସ୍ତୁତ ଯୋଗୀସର୍ଡା ଅଞ୍ଚଳରେ ସ୍ୱଚ୍ଛତାର ଏକ ବିବରଣୀ ଏବଂ ଅନ୍ୟଟି ପ୍ରତିଭାମୟୀ ତ୍ରିପାଠୀ ସହଯୋଗୀ ସହପାଠୀ ଐଶ୍ୱର୍ଯ୍ୟା ତ୍ରିପାଠୀ ଏବଂ ମାଗଦର୍ଶକ ତଥା ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଶୋକ କୁମାର ତ୍ରିପାଠୀଙ୍କ ଦ୍ୱାରା ପ୍ରସ୍ତୁତ ଯୋଗୀସର୍ଡ ଅଞ୍ଚଳରେ ପର୍ବପର୍ବାଣୀରେ ବୈଜ୍ଞାନିକତାର ଏକ ବିବରଣୀ ଉପସ୍ଥାପନା କରୁଥିବା ପ୍ରଦର୍ଶିତ ହୋଇଥିଲା । ସେଥିରୁ ପର୍ବପର୍ବାଣୀରେ ବୈଜ୍ଞାନିକତା ଉପରେ ଅଧ୍ୟୟନ ପ୍ରକଳ୍ପ ରାଜ୍ୟସ୍ତରରେ ପୁରସ୍କୃତ ହୋଇ ଜାତୀୟସ୍ତରକୁ ମନୋନୀତ ହୋଇଛି। ଆସନ୍ତା ଡିସେମ୍ବରରେ ହେବାକୁ ଥିବା ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଉକ୍ତ ପ୍ରକଳ୍ପକୁ ଲିଡ କରୁଥିବା ଛାତ୍ରୀ ପ୍ରତିଭାମୟୀ ଭାଗ ନେବେ ବୋଲି ପ୍ରଧାନଶିକ୍ଷକ ତ୍ରିପାଠୀ କହିଛନ୍ତି। ପ୍ରକଳ୍ପ ଅବସରପ୍ରାପ୍ତ ଶିକ୍ଷକ ଶିବପ୍ରସାଦ ତ୍ରିପଠୀଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତି କରାଯାଇଛି । ସ୍ଥାନୀୟ ବିଧାୟକ ମୁକେଶ ମହାଲିଙ୍ଗ ଏ ସମ୍ପର୍କରେ ଅବଗତ ପରେ ଟିମ୍ ସଦସ୍ୟଙ୍କୁ ପ୍ରଶଂସା କରିବା ସହ ଅଭିନନ୍ଦନ ଜଣାଇଛନ୍ତି।

## ବିଡିଓଙ୍କୁ ଦାବିପତ୍ର ଦେଲେ ସରପଞ୍ଚ

**ପଲ୍ଲୀସଭା, ଗ୍ରାମସଭାରେ ପ୍ରକଳ୍ପ ଚୟନ ହେଉନି**

ଖପ୍ରାଖୋଲ,୨୧।୧୧(ଅଭୟ ତ୍ରିପାଠୀ)

ସାରା ରାଜ୍ୟରେ ପଲ୍ଲୀସଭା ଓ ଗ୍ରାମସଭାକୁ ଅଣଦେଖା କରି ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ବିଭିନ୍ନ ପ୍ରକଳ୍ପ ମଞ୍ଜୁର କରାଯାଉଛି। ଖପ୍ରାଖୋଲ ବ୍ଲକରେ ଏହାକୁ ବିରୋଧ କରିଛନ୍ତି ସରପଞ୍ଚମାନେ। ଏନେଇ ମଙ୍ଗଳବାର ସେମାନେ ସ୍ଥାନୀୟ ବିଡ଼ିଓ ଆକାଶ ରଞ୍ଜନ ସାହୁଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସରପଞ୍ଚ ସଂଘ ବ୍ଲକ ସମ୍ପାଦିକା ସୁମତି ପ୍ରଧାନଙ୍କ ନେତୃତ୍ୱରେ ଧଣ୍ଡାମୁଣ୍ଡା ସରପଞ୍ଚ ବୈଦ୍ୟନାଥ ମିଶ୍ର, ନାନ୍ଦୁପଲା ସରପଞ୍ଚ ନିଲେନ୍ଦ୍ରି ପୂଝାରୀ, ବାଘମୁଣ୍ଡ ସରପଞ୍ଚ ଦେବାଶିଷ ସାହୁ, ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁସାଲ, ରେଙ୍ଗାଲି ସରପଞ୍ଚ ଉମାକାନ୍ତ ମେହେର, ମାଲପଡ଼ା ସରପଞ୍ଚ ଗୋପାଳ ମେହେର, ଦମାଇପାଲି ସରପଞ୍ଚ ତାରାକାନ୍ତି ତାଣ୍ଡି, ମାଟିଆଭଟା ସରପଞ୍ଚ ସନ୍ତୋସିନି ବରିହା, ଭାନପୁର ସରପଞ୍ଚ ରୀନା ଜାଲ ପ୍ରମୁଖ ଉପସ୍ଥିତ ଥିଲେ।

## ଶିଶୁ ମହୋତ୍ସବ ପତଙ୍ଗୀ ଉଦ୍‌ଘାଟିତ


କୃତୀ ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ।

ବେଲପଡା,୨୧।୧୧(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ଦିନରଘୁ ମେହେର ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ୱାସିଡିଏ ପକ୍ଷରୁ ଶିଶୁମାନଙ୍କୁ ନେଇ ପତାଙ୍ଗୀ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଉତ୍ସବରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଶତାଧିକ ଶିଶୁ ଓ ଅଭିଭାବକ ଯୋଗ ଦେଇଥିଲେ। ଶିଶୁଙ୍କ ଭିତରେ ଥିବା ଅନ୍ତର୍ନିହିତ ପ୍ରତିଭା ସୃଜନଶୀଳତା ଦକ୍ଷତା ବିକାଶ ପତାଙ୍ଗୀର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ଶାରିରୀକ ମାନଶିକ ପ୍ରତିଭା ବିକାଶ ପାଇଁ ପତାଙ୍ଗୀରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବେଲପଡ଼ା ବ୍ଲକ ଅଧକ୍ଷା ଟିନା କୁମ୍ଭାର, ସିଡ଼ିପିଓ ଭି. ମାନିମଲ, ଆଇଆଇସି ସୁଶାନ୍ତ କୁମାର ଦାସ, ଉପାଧ୍ୟକ୍ଷ ଦୁର୍ଯ୍ୟୋଧନ କୁମ୍ଭାର, ପୂର୍ବତନ ଶିଶୁ ମଙ୍ଗଳ କମିଟି ଅଧକ୍ଷ ଡ଼ ସଞ୍ଜୟ ମିଶ୍ର, ଶିକ୍ଷାବିତ୍ ଡ଼ ଗୋବର୍ଦ୍ଧନ ନାଏକ, ନବୀନ କୁମାର ମେହେର, ନିରଞ୍ଜନ ବେହେରା, ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ୱାଇସିଡିଏ ବ୍ଲକ ସଂଯୋଜକ ଯୋଗେଶ୍ୱର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରୋଗ୍ରାମ ମେନେଜର ଜ୍ୟୋତି କୁମାର ରଥ କାର୍ଯ୍ୟକ୍ରମ ମୁଖ୍ୟ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ।

# ବିଧାନସଭାରେ କୋଶଳୀ ଭାଷାରେ କହିଲେ ନରସିଂହ

ବଲାଙ୍ଗୀର,୨୧।୧୧(ବୀରେନ୍ଦ୍ର କୁମାର ଝାଙ୍କର)


ବିଧାୟକ ନରସିଂହ ମିଶ୍ର।

ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ଓଡ଼ିଶା ବିଧାନସଭା ଅଧିବେଶନ। ପ୍ରଥମ ଦିନରେ ଦିବଙ୍ଗତ ସଦସ୍ୟମାନଙ୍କ ଉଦ୍ଦେଶ୍ୟରେ ଶୋକପ୍ରସ୍ତାବ ଆଗତ ହୋଇଛି। ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ନିଜ ଘୋଷଣା ମୁତାବକ କୋଶଲୀ ଭାଷାରେ ବିଧାନସଭାରେ କହିଛନ୍ତି। ଶୋକ ପ୍ରସ୍ତାବରେ ସେ ଦିବଙ୍ଗତ ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି ଓ ଅନ୍ୟ ସଦସ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ଦେଲାବେଳେ କୋଶଲୀ ଭାଷାରେ କହୁଥିବା ଦେଖାଯାଇଥିଲା। ଏଭଳିକି ବିଧାନସଭା ଆରମ୍ଭ ହେବା ପୂର୍ବରୁ ସର୍ବଦଳୀୟ ବୈଠକରେ ବିଧାୟକ ମିଶ୍ର କୋଶଲୀ ଭାଷାରେ ଗୃହରେ ମତ ରଖିବାକୁ ସୁଯୋଗ ଦେବାକୁ ବାଚସ୍ପତିଙ୍କଠାରେ ପ୍ରସ୍ତାବ ରଖିଥିଲେ। ସର୍ବଦଳୀୟ ବୈଠକରେ ପ୍ରସ୍ତାବ ରଖିବା ପରେ ମଙ୍ଗଳବାର ଆରମ୍ଭ ହୋଇଥିବା ବିଧାନସଭା ଅଧିବେଶନ ପ୍ରାରମ୍ଭରୁ କୋଶଲୀ ଭାଷାରେ ବିଧାୟକ ମିଶ୍ର ଶୋକ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ପଶ୍ଚିମ ଓଡ଼ିଶାର ଭାଷାକୁ ସମ୍ମାନ ଜଣାଇବା ଏବଂ ସାମ୍ବିଧାନିକ ମାନ୍ୟତା ପ୍ରଦାନ କରିବାକୁ ବିଧାୟକ ମିଶ୍ର ଦାବି କରିଛନ୍ତି। ଦୀର୍ଘଦିନରୁ କୋଶଲୀ-ସମ୍ବଲପୁରୀ ଭାଷାକୁ ସାମ୍ବିଧାନିକ ମାନ୍ୟତା ଦାବି କରି ପଶ୍ଚିମ ଓଡ଼ିଶାରେ ଭାଷା ଆନ୍ଦୋଳନ ଆରମ୍ଭ ହୋଇଛି। ପଶ୍ଚିମ ଓଡିଶାର ଭାଷାକୁ ସାମ୍ବିଧାନିକ ମାନ୍ୟତା ଦିଆଯିବା ଏବଂ ସେଇ ଭାଷାରେ ପ୍ରାଥମିକ ବିଦ୍ୟାଳୟରୁ ଆରମ୍ଭ କରି ସ୍କୁଲ, କଲେଜରେ ପାଠପଢ଼ା ଯିବାକୁ ଦୀର୍ଘଦିନରୁ ଦାବି ହୋଇଆସୁଛି। ରାଜ୍ୟସରକାର ମଧ୍ୟ କୋଶଲୀ-ସମ୍ବଲପୁରୀ ଭାଷାର ସାମ୍ବିଧାନିକ ମାନ୍ୟତା ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିସାରିଛନ୍ତି। ତେବେ ଅଭିନେତା ମନୋଜ ମିଶ୍ରଙ୍କୁ ଓଡିଶା ପ୍ରୟୋଜକ ସଂଘ ନିଲମ୍ବିତ କରିବା ଘଟଣା ପରେ ଜୋର ଧରିଥିବା ବିବାଦ ପରିପ୍ରେକ୍ଷୀରେ ବିଧାୟକ ନରସିଂହ ମିଶ୍ରଙ୍କ କୋଶଲୀ ଭାଷାରେ ବିଧାନସଭାରେ କହିବା ଏବଂ ଗତ ୧୮ ତାରିଖରେ ହୋଇଥିବା କୋଶଳ ମହାବନ୍ଦକୁ ସମର୍ଥନ ଘୋଷଣା କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

## କୋଶଲୀ-ସମ୍ବଲପୁରୀକୁ ଦ୍ୱିତୀୟ ଭାଷା ମାନ୍ୟତା ଦାବି

ଲୋଇସିଂହା ବିଧାୟକ ଡ ମୁକେଶ ମହାଲିଙ୍ଗ କୋଶଲୀ-ସମ୍ବଲପୁରୀକୁ ରାଜ୍ୟର ଦ୍ୱିତୀୟ ଭାଷା ଭାବେ ମାନ୍ୟତା ଦେବାକୁ ଦାବି କରିଛନ୍ତି। ସେ ଦି ଓଡିଶା ଅଫିସିଆଲ ଲାଙ୍ଗୁଏଜ୍ ଆକ୍ଟ ୧୯୫୪ର ସଂଶୋଧନ କରାଯାଇ ସମ୍ବଲପୁରୀ-କୋଶଲୀ ଭାଷାକୁ ଦ୍ୱିତୀୟ ଭାଷାର ମାନ୍ୟତା ଦିଆଯାଉ ବୋଲି ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁଙ୍କ କୋଶଲୀ-ଓଡିଆ ଅଭିଧାନ ଓ ବ୍ୟାକରଣ ପ୍ରସଙ୍ଗ ଉଠାଇ ସେ ରାଷ୍ଟ୍ରପତିଙ୍କଠାରୁ ପୁରସ୍କୃତ ହୋଇସାରିଥିବା କହିଥିଲେ। ବିଧାନସଭାରେ କୋଶଲୀ-ସମ୍ବଲପୁର ଭାଷା ଜାଣିଥିବା ଏକ ରିପୋର୍ଟର ନିଯୁକ୍ତ କରିବାକୁ ଦାବି କରିଥିଲେ।

## ସଂକ୍ଷେପରେ

### ଧାନମଣ୍ଡି ଉଦ୍‌ଘାଟିତ

ପଦ୍ମପୁର,୨୧।୧୧(ପ୍ରଦୀପ୍ତ ଦାଶ): ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ହୋଇଥିବା ଧାନମଣ୍ଡିକୁ ସହକାରୀ ଯୋଗାଣ ଅଧିକାରୀ ସନ୍ତୋଷ କୁମାର ପ୍ରଧାନ ମଙ୍ଗଳବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ପଦ୍ମପୁର ପାକ୍ସ, ଜମଲା ପାକ୍ସ ଓ କନସିଂହା ପାକ୍ସର ଚାଷୀମାନେ ଏହି ବଜାରରେ ନିଜର ଧାନ ବିକ୍ରି କରିବେ। ଉତ୍ସବରେ ଆର୍‌ଏମ୍‌ସି କର୍ମଚାରୀ ବାସୁଦେବ ମିଶ୍ର, ସମରେନ୍ଦ୍ର ପଣ୍ଡା, ପଦ୍ମପୁର ପାକ୍ସ ସମ୍ପାଦକ ଗୋପାଳ ଷାଷ୍ଟ, ଜମଲା ସହକାରୀ ସମ୍ପାଦକ ଚିତ୍ରସେନ ସ୍ୱାଇଁ, କନସିଂହା ପାକ୍ସର ବେଣୁଧର ସାହୁଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ବଜାର ପ୍ରାଙ୍ଗଣରେ ଚାଷୀମାନଙ୍କ ପାଇଁ ଆନୁଷଙ୍ଗିକ ସୁବିଧା ସହିତ ପାନୀୟ ଜଳ, ବିଶ୍ରାମ ଗୃହ, ଶୌଚାଳୟ ଆଦି ବ୍ୟବସ୍ଥା ଥିବା ଆର୍‌ଏମ୍‌ସି ତରଫରୁ ସୂଚନା ଦିଆଯାଇଥିଲା।

### ଆର୍‌ଏମ୍‌ସି ବିଭିନ୍ନ ବିଭାଗର ସଦସ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ବରଗଡ଼, ୨୧।୧୧(ପ୍ରେମାନନ୍ଦ ଖମାରୀ): ବରଗଡ଼ ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି)ର ବିଭିନ୍ନ କମିଟିର ସଦସ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। କୃଷି ନିର୍ବାଚନ ମଣ୍ଡଳୀରେ ଧନସିଂ ଭୋଇ, ଉମେଶ ପଣ୍ଡା, ପ୍ରଫୁଲ୍ଲ କୁମାର ନାଏକ, ଦିଲୀପ କୁମାର ପ୍ରଧାନ, ସୁକାନ୍ତ କୁମାର ଦାଶ, ଭକ୍ତ ଚରଣ ଦାସ, ସଞ୍ଜିତ ହନୁମାନ, ବିଦ୍ୟାଧର ଭୋଇ, ବଣିକ ନିର୍ବାଚନ ମଣ୍ଡଳୀରେ ସୁବାସ ଚନ୍ଦ୍ର ପଣ୍ଡା, ଦିନେଶ କୁମାର ଲାଠ, ପ୍ରଶାନ୍ତ ଶର୍ମା, ଅରବିନ୍ଦ ଦାଶ, ଲୋକାଲ ଅଥରିଟି ଗ୍ରାମ ପଞ୍ଚାୟତ ନିର୍ବାଚନ ମଣ୍ଡଳୀରେ ବେଲାରସେନ ମେହେର, ପୌର ପରିଷଦ ସଦସ୍ୟ ପାଇଁ କାଉନସିଲର ଉମାଚରଣ ରାଉତ ପ୍ରମୁଖ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ବୋଲି ଆର୍‌ଏମ୍‌ସି ନିର୍ବାଚନ ଅଧିକାରୀ ତୃପ୍ତି କଲ୍ୟାଣ ସେଠୀ ଘୋଷଣା କରିଛନ୍ତି। ନବନିର୍ବାଚିତ ସଦସ୍ୟମାନଙ୍କୁ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଅଭିନନ୍ଦନ ଜଣାଇଛନ୍ତି।

### ଦହିଗାଁରେ ଧାନମଣ୍ଡି ଉଦ୍‌ଘାଟନ



ପଦ୍ମପୁର,୨୧।୧୧(ପ୍ରଦୀପ୍ତ ଦାଶ): ପଦ୍ମପୁର ବ୍ଲକ ଦହିଗାଁ ଓ ଦହିତା ପଞ୍ଚାୟତରେ ଧାନମଣ୍ଡିକୁ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ପଦ୍ମପୁର ସହକାରୀ ଯୋଗାଣ ଅଧିକାରୀ ସନ୍ତୋଷ କୁମାର ପ୍ରଧାନ, ୟୁକୋ ବ୍ୟାଙ୍କ ସହକାରୀ ପ୍ରବନ୍ଧକ ମନିଷ କୁମାର ମିଶ୍ର, ଦହିଁଗା ପାକ୍ସ ସମ୍ପାଦକ ଠାକୁର ପାଣ୍ଡେ, ସଭାପତି ମହେଶ୍ୱର ପୁରୀ, ବୁଡେନ ସଭାପତି କୀର୍ତ୍ତି ମେହେର, ନୀଳକଣ୍ଠେଶ୍ୱର ଏସ୍‌ଏସ୍‌ଜିର ସଭାନେତ୍ରୀ ଦୀପାଞ୍ଜଳି ସାହୁ, ଏମବିକେ ସସ୍ମିତା ସାହୁ, ସିଆରପି ରେବତୀ ବାଗ, ବରିଷ୍ଠ ଚାଷୀ ଦୀନବନ୍ଧୁ ବିଶ୍ୱାଳ, ଦହିଁଗା ପାକ୍ସ ପୂର୍ବତନ ସଭାପତି ସୁଦାମ ଦାଶ, ପୂର୍ବତନ ସରପଞ୍ଚ ସୁଶାନ୍ତ ସାହୁ, ବାସୁଦେବ ପାତ୍ରଙ୍କ ସମେତ ବହୁ ଚାଷୀ ଓ ଡାଇରେକ୍ଟର ଯୋଗ ଦେଇଥିଲେ। ଶେଷରେ ଏସ୍‌ଏସ୍‌ଜିର ସମ୍ପାଦିକା ଜ୍ୟୋସ୍ନାମୟୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

### ଗୋବିନ୍ଦପୁର ଗୁଣ୍ଡିଚା ମନ୍ଦିର ରତ୍ନମୁଦ ଉତ୍ସବ

ବରଗଡ଼, ୨୧।୧୧(ପ୍ରେମାନନ୍ଦ ଖମାରୀ): ବରଗଡ଼ ବ୍ଲକ ଅଧୀନ ଗୋବିନ୍ଦପୁର ଗ୍ରାମରେ ନବନିର୍ମିତ ଶ୍ରୀ ଗୁଣ୍ଡିଚା ମନ୍ଦିରର ରତ୍ନମୁଦ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି, ଜିଲା ପରିଷଦ ସଭ୍ୟା ପୁଷ୍ପା ଭୋଇ, ପ୍ରଭାସିନୀ ପ୍ରଧାନ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଗୋବିନ୍ଦପୁର ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକ, ନିତ୍ୟାନନ୍ଦ ନାଏକ, ରୋହିତ ଭୋଇ, ଆନନ୍ଦ ସାହୁ, ଗୁରୁଦେବ ସାହୁ, ଶେଷଦେବ ସାହୁ, ବ୍ୟାସଦେବ ଦାସ, ଅଶୋକ ସାହୁ, ନରୋତ୍ତମ ସାହୁ, ଲୋକନାଥ ଦାଶ, ସରୋଜ ବାରିକ, ନାରାୟଣ ସେଟ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଆୟୋଜିତ ରତ୍ନମୁଦ ଉତ୍ସବରେ ଯୀଶୁକୃଷ୍ଣ ଦାଶ ଓ ପିଣ୍ଟୁ ଦାଶ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପଣ୍ଡିତ ଉମେଶ ତ୍ରିପାଠୀ ଯଜ୍ଞ ପରିଚାଳନା କରିଥିଲେ।

# ମଣ୍ଡି ଖୋଲିଲା, ଟୋକନ ଅଡୁଆ

- ବିକ୍ରି ହେଲାନି ଧାନ, ବଢ଼ିଲା ଅସନ୍ତୋଷ
- ଜିଲାପାଳଙ୍କୁ ଚାଷୀ ପ୍ରତିନିଧିଙ୍କ ଫେରାଦ

ବରଗଡ଼,୨୧।୧୧(ପ୍ରେମାନନ୍ଦ ଖମାରୀ)



କଳାପାଣି ମଣ୍ଡିରେ ଚାଷୀମାନେ ଧାନ ଓହ୍ଲାଉଛନ୍ତି ।



ଟୋକନ ସମସ୍ୟା ନେଇ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀ ପ୍ରତିନିଧିବୃନ୍ଦ ।

ବରଗଡ଼ ଜିଲାରେ ମଙ୍ଗଳବାରଠାରୁ ଖରିଫ ଧାନ ସଂଗ୍ରହ ଆରମ୍ଭ ହୋଇଛି। ଧାନ ସଂଗ୍ରହ ପାଇଁ ମଣ୍ଡି ଖୋଲିଥିଲେ ମଧ ଚାଷୀଙ୍କ ପାଇଁ ଟୋକନ ବ୍ୟବସ୍ଥା ଅଡୁଆ ସାଜିଛି। ଯେଉଁ ଚାଷୀ ଧାନକୁ ମଣ୍ଡିରେ ଗଦା କରିଛନ୍ତି, ସେମାନଙ୍କ ମଧ୍ୟରୁ ଅନେକ ଚାଷୀଙ୍କୁ ମିଳିଥିବା ଟୋକନରେ ବିକ୍ରି ଦିବସ ଯଥେଷ୍ଟ ବିଳମ୍ବ ରହିଛି। ଏଭଳି କ୍ଷେତ୍ରରେ ସେମାନେ ଚିନ୍ତିତ ହୋଇ ପଡ଼ିଛନ୍ତି। ସେହିପରି ମଣ୍ଡିଗୁଡ଼ିକରେ ବହୁ ପରିମାଣର ଧାନ ଗଦା ହୋଇଛି। ମାତ୍ର ସରକାରୀ ଭାବେ ଟୋକନକୁ ଭିତ୍ତି କରି ମଣ୍ଡିରେ ଏଣ୍ଟ୍ରି ହୋଇଥିବା ଧାନକୁ ଉଲ୍ଲେଖ କରାଯାଇଛି। ଏହି କ୍ରମରେ ଅତାବିରା ନିୟନ୍ତ୍ରିତ ବଜାର କମିଟି (ଆରଏମ୍‌ସି) ଅଧୀନ ମଣ୍ଡିଗୁଡ଼ିକୁ ପ୍ରଥମ ଦିବସରେ ୬୨୦୬ ପ୍ୟାକେଟ୍ ଧାନ ଆସିଛି। ସେହିପରି ବରଗଡ଼ ଆର୍‌ଏମ୍‌ସି ଅଧୀନ ମଣ୍ଡିଗୁଡ଼ିକରେ ୨୧୩ ପ୍ୟାକେଟ୍ ଧାନ ସରକାରୀ ଭାବେ ସଂଗ୍ରହ ହୋଇଛି ଏବଂ ତାହା କେବଳ ଗୁଡ଼େଶିରା ମଣ୍ଡିକୁ ଆସିଥିବା ଜଣାପଡ଼ିଛି। ଅନ୍ୟପଟେ ମଣ୍ଡି ଗୁଡ଼ିକରେ ବେସରକାରୀ ଭାବେ ଆହୁରି ଅଧିକ ଧାନ ବିକ୍ରି ପାଇଁ ଗଚ୍ଛିତ ରହିସାରିଥିବା ସୂଚନା ମିଳିଛି।

ମଙ୍ଗଳବାର ବରଗଡ଼ ଆର୍‌ଏମ୍‌ସି ଅଧୀନ ବେହେରା ମଣ୍ଡିରେ ଜିଲାପାଳ ମୋନିଷା ବାନାର୍ଜୀ ପୂଜାର୍ଚ୍ଚନା କରି ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ କରିଥିଲେ। ରାଜ୍ୟ ସମବାୟ ୟୁନିୟନ ଉପସଭାପତି ବିରୋସେନ ସାହୁ, ସମ୍ବଲପୁରୀ ବସ୍ତ୍ରାଳୟ ସଭାପତି ସମ୍ବିତ ଆଚାର୍ଯ୍ୟ, ଜିଲା ପରିଷଦ ସଭ୍ୟା ପ୍ରଭାସିନୀ ପ୍ରଧାନ, ଆର୍‌ଏମ୍‌ସି ସମ୍ପାଦକ ଦୁର୍ଗାପ୍ରସାଦ ଛୁରିଆ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଅତାବିରା ଆର୍‌ଏମ୍‌ସି ଅଧୀନ ଗୋଡ଼ଭଗା ମଣ୍ଡିରେ ପୂଜାର୍ଚ୍ଚନା କରି ଉପଜିଲାପାଳ କୁମାର ନାଗଭୂଷଣ ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ କରିଥିଲେ। ଡିଆରସିଏସ୍ ତୃପ୍ତିକଲ୍ୟାଣ ସେଠୀ, ଆର୍‌ଏମ୍‌ସି ସମ୍ପାଦକ ଡୋଲାମଣି ପୁରୋହିତ, ଯୋଗାଣ ନିରୀକ୍ଷକ ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ ହୋଇଥିଲେ ମଧ ପ୍ରଥମ ଦିବସରେ ଆଦୌ ଧାନ ବିକ୍ରି ହୋଇ ପାରି ନଥିବା ସୂଚନା ମିଳିଛି।

କଳାପାଣିର ଚାଷୀ ସୁରେଶ ନେକାଷ୍ଟି କହିଛନ୍ତି, ଧାନ ପଞ୍ଜୀକରଣ ସମୟରେ ଉଦ୍ଦିଷ୍ଟ ଫର୍ମରେ ସେ ତାଙ୍କ ଅମଳ ଧାନ ବିକ୍ରି ଦିବସକୁ ନଭେମ୍ବର ୧ତାରିଖରୁ ୧୫ତାରିଖ ମଧ୍ୟରେ ଉଲ୍ଲେଖ କରିଥିଲେ। ମାତ୍ର ତାଙ୍କୁ ମିଳିଥିବା ଟୋକନରେ ବିକ୍ରି ଦିବସକୁ ୨ମାସ ବିଳମ୍ବ କରି ଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି । ଉକ୍ତ ଟୋକନରେ ବିକ୍ରି ଦିବସକୁ ଡିସେମ୍ବର ୨୮ରୁ ୨୦୨୪ ଜାନୁୟାରୀ୨୬ତାରିଖ ଉଲ୍ଲେଖ କରାଯାଇଛି। ଅନ୍ୟପଟେ ସେ ଗତ ୧୫ତାରିଖରୁ ୨୦୦ପ୍ୟାକେଟ୍ ଧାନ କଳାପାଣି ମଣ୍ଡିକୁ ଆଣି ଗଦା କରିଛନ୍ତି। ୨ମାସ ମଣ୍ଡିରେ ଧାନ ପଡ଼ିରହିଲେ ତାଙ୍କୁ ଯଥେଷ୍ଟ କ୍ଷତି ସହିବାକୁ ପଡ଼ିବ ଏବଂ ଧାନ ଅମଳରେ ନିୟୋଜିତ ଶ୍ରମିକଙ୍କୁ ସେମାନଙ୍କ ପାରିଶ୍ରମିକ ଦେବାରେ ମଧ୍ୟ ଅସୁବିଧାରେ ପଡ଼ିବେ ବୋଲି ନେକାଷ୍ଟି କହିଛନ୍ତି। ସେହିପରି କଳାପାଣି ଗ୍ରାମର ଅନ୍ୟ ଜଣେ ଚାଷୀ ଏକାଦଶିଆ ସାହୁଙ୍କ କ୍ଷେତ୍ରରେ ମଧ୍ୟ ଏଭଳି ସମସ୍ୟା ଉପୁଜିଛି। ସେ ଗତ ୧୫ତାରିଖରେ ୬୦ ପ୍ୟାକେଟ୍, ସୋମବାର ୧୫୦ ପ୍ୟାକେଟ୍ ଧାନ କଳାପାଣି ମଣ୍ଡିରେ ଗଦା କରିଛନ୍ତି। କିନ୍ତୁ ତାଙ୍କୁ ମିଳିଥିବା ଟୋକନରେ ବିକ୍ରି ଦିବସ ଡିସେମ୍ବର ୧ରୁ ୨୮ତାରିଖ ରହିଥିବା ସେ କହିଛନ୍ତି। କେବଳ ଏହି ୨ଚାଷୀ ନୁହଁନ୍ତି, ଜିଲାର ଅନେକ ଚାଷୀ ଏଭଳି ଟୋକନ ସମସ୍ୟାରେ ଛନ୍ଦି ହୋଇପଡ଼ିଛନ୍ତି ଏବଂ ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଜିଲା ପ୍ରଶାସନକୁ ଫେରାଦ ହୋଇଛନ୍ତି। ସୋମବାର ଅତାବିରା ଏବଂ ବରଗଡ଼ ଅଞ୍ଚଳର ଚାଷୀମାନେ ଏଭଳି ଅଭିଯୋଗ କରି ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଏହାର ତୁରନ୍ତ ସମାଧାନ କରା ନ ଗଲେ ସେମାନେ ରାଜରାସ୍ତାରେ ଧାନ ଗଦା କରିବେ ବୋଲି ଚେତାବନୀ ଦେଇଛନ୍ତି।

### ଶିଶୁ ମନ୍ଦିରରେ ଆଲୋଚନାଚକ୍ର

ବରଗଡ଼,୨୧।୧୧ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ଓଡ଼ିଆ ବିଭାଗ) ଶିଶୁ ବାଟିକା ବିଭାଗରେ ଶିଶୁଶିକ୍ଷାରେ ଭାଷାଜ୍ଞାନ ଓ ଅଙ୍କଜ୍ଞାନ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପରିବାର ପ୍ରବୋଧନ ପ୍ରମୁଖ ପ୍ରଫେସର ଅମରେନ୍ଦ୍ର ନାରାୟଣ ଯାଦବ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ ପ୍ରଧାନ ଅତିଥି ପରିଚୟ ଏବଂ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏଥିରେ ଜାତୀୟ ଶିକ୍ଷାନୀତି-୨୦୨୦ର ଏଫ୍‌ଏଲ୍‌ଏନ୍‌ର ଏସ୍‌ଆରଜି ସୁବାସ ଚନ୍ଦ୍ର ସାହୁ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବରଗଡ଼ ଜିଲାର ବିଭିନ୍ନ ବିଦ୍ୟାଳୟରୁ ଶିକ୍ଷକ, ଅଧ୍ୟକ୍ଷମାନେ ଯୋଗଦାନ କରିଥିଲେ। ଜିଲା ଶିକ୍ଷା ପ୍ରଶିକ୍ଷଣ ସଂସ୍ଥାନ (ଡିଆଇଇଟି) ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ଯୋଗଦେଇ ସମୀକ୍ଷା ରୂପକ ବିବରଣୀ ଉପସ୍ଥାପନ କରିଥିଲେ। ବିଦ୍ୟାଳୟର ସମ୍ପାଦକ ସନ୍ତୋଷ କୁମାର ପଣ୍ଡା, ଯୁଗ୍ମ ସମ୍ପାଦକ ଦିଲ୍ଲୀପ କୁମାର ମହାପାତ୍ର, ସମିତି ସଭ୍ୟା ବିଷ୍ଣୁପ୍ରିୟା ବେହେରା, ଶିକ୍ଷା ବିକାଶ କୋଷାଧ୍ୟକ୍ଷ ଶିବ ପ୍ରସାଦ ବାଗ, ସୁବାସ ଚନ୍ଦ୍ର ସାହୁ, ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟ ସତ୍ୟାନନ୍ଦ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବହୁ ଶିକ୍ଷକ, ପ୍ରଧାନ ଶିକ୍ଷକ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁମା, ଗୁରୁଜୀ, ସେବିକା, ସେବକ ସହଯୋଗ କରିଥିଲେ। ଯୁଗ୍ମ ସମ୍ପାଦକ ଦିଲୀପ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ମହତାବ ଥିଲେ ଶିଶୁମାନଙ୍କ କାକା

ବରଗଡ଼,୨୧।୧୧(ପ୍ରେମାନନ୍ଦ ଖମାରୀ)



ମହତାବ ଶିଶୁ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଉଛି।

ଡକ୍ଟର ହରେକୃଷ୍ଣ ମହତାବ ଥିଲେ ନବଉତ୍କଳର ନିର୍ମାତା। ଓଡ଼ିଶାର ସାମଗ୍ରିକ ବିକାଶ ସହ ସାହିତ୍ୟ, ସଂସ୍କୃତି ବିଶେଷ କରି ଶିଶୁ ସାହିତ୍ୟର ବିକାଶ ଓ ଶିଶୁମାନଙ୍କୁ ଭଲ ପାଇବା ଗୁଣ ଯୋଗୁ ସେ ଶିଶୁମାନଙ୍କ ଗହଣରେ ଅତ୍ୟନ୍ତ ପ୍ରିୟ ହୋଇ କାକା ମହତାବ ଭାବେ ପରିଚିତ ଥିଲେ ବୋଲି ମହତାବ ଶିଶୁ ସାହିତ୍ୟ ସଂସଦର ୩୧ତମ ବାର୍ଷିକ ଉତ୍ସବରେ ମତ ପ୍ରକାଶ ପାଇଛି। ସଂସଦ ସଭାପତି ଗୋପବନ୍ଧୁ ପୁରୋହିତଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ ସମାବେଶରେ କବି ଦିବ୍ୟ କିଶୋର ଦେବତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହତାବଙ୍କୁ ନବ ଉତ୍କଳର ନିର୍ମାତା ଭାବେ ଅଭିହିତ କରି ଓଡ଼ିଶାର ସାମଗ୍ରିକ ବିକାଶ ଦିଗରେ ତାଙ୍କ ଭୂମିକା ବିଷୟରେ ବକ୍ତବ୍ୟ ରଖିଥିଲେ। କେନ୍ଦ୍ର ବାଲ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବରିଷ୍ଠ ଶିଶୁ ସାହିତ୍ୟିକ ଡକ୍ଟର ଯୁଗଳ କିଶୋର ଷଡ଼ଙ୍ଗୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ମହତାବଙ୍କୁ ଓଡ଼ିଆ ଶିଶୁ ସାହିତ୍ୟର ପଥ ପ୍ରଦର୍ଶକ ଓ ନୂତନ ଶିଶୁ ସାହିତ୍ୟିକ ସୃଷ୍ଟି ଦିଗରେ ତାଙ୍କଦ୍ୱାରା ପ୍ରତିଷ୍ଠିତ 'ମୀନା ବଜାର' ଶିଶୁ ସାହିତ୍ୟ ପତ୍ରିକା ଏକ ମାଇଲଖୁଣ୍ଟ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭିକ ସୂଚନା ପ୍ରଦାନ କରି ସଂସଦର ପ୍ରତିଷ୍ଠାତା ସମ୍ପାଦକ ଡକ୍ଟର ରବିନାରାୟଣ ସାହୁ ମହତାବ ଶିଶୁ ସାହିତ୍ୟ ସଂସଦ ଦୀର୍ଘ ବର୍ଷ ଧରି ଶିଶୁମାନଙ୍କ ମୌଳିକ ତଥା ବୌଦ୍ଧିକ ଜ୍ଞାନର ବିକାଶ ପାଇଁ ଉତ୍ସର୍ଗୀକୃତ ଥିବା କଥା ଉଲ୍ଲେଖ କରିଥିଲେ। ଏହି ଅବସରରେ ପୂର୍ବ ବର୍ଷମାନଙ୍କ ପରି ଚଳିତ ବର୍ଷର ସମ୍ମାନ ଜନକ 'କାକା ମହତାବ ଶିଶୁ ସାହିତ୍ୟ ସମ୍ମାନ'ରେ କଣ୍ଟାବାଞ୍ଜିର ବିରଞ୍ଚି ନାରାୟଣ ଦାଶଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଣାପ୍ରତାପ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦୀପ ରଥ, ଟିଟିଲାଗଡ଼ର ବୃନ୍ଦାବନ କୁମ୍ଭାର, ସୁବର୍ଣ୍ଣପୁରର ସମ୍ପାଦକ ପ୍ରଦୀପ୍ତ ଭାନୁ ମହାନ୍ତି, ଦୟାନିଧି ମହାପାତ୍ର, ଅର୍ଜୁନ ସେଠ, ରେଣୁଦାଶ ଶର୍ମା, ରାଧାରାଣୀ ପଟ୍ଟନାୟକ, ସୁଦ୍ଧମା ପଣ୍ଡା, ନୁରାବତୀ ସାହୁ, ସୁନୀତା ମିଶ୍ର, ନୀଳିମା ପ୍ରଧାନ, ବବିତା ନାଏକ, ଗୀତା ଜାଲ, ଜ୍ୟୋତ୍ସ୍ନା ତ୍ରିପାଠୀ, ତପସ୍ୱିନୀ ତ୍ରିପାଠୀ ପ୍ରମୁଖ ଯୋଗଦେଇ ମହତାବଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ରୋଟାରୀ ପବ୍ଲିକ ସ୍କୁଲର ଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଧନୁଯାତ୍ରାର ରାଧା ଭୂମିକାରେ ଅଭିନୟ କରୁଥିବା ବୈଷ୍ଣବୀ ବିର୍ଦ୍ଧିଆ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଭାରତୀ ଶିଶୁ ସାହିତ୍ୟ ସଂସଦର ଅଶ୍ଳେଷା ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

### କୋଶଲୀ ନାଟ୍ୟ ମହର୍ଷି ଭଗବାନ ସାହୁଙ୍କ ଶ୍ରାଦ୍ଧବାର୍ଷିକୀ

ବରପାଲି,୨୧।୧୧(ଚିତ୍ତରଞ୍ଜନ ସାହୁ): ବରଗଡ ଜିଲାର ବରପାଲି ବ୍ଲକ ଅନ୍ତର୍ଗତ କନବାର ଗ୍ରାମରେ କୋଶଲି ନାଟ୍ୟ ମହର୍ଷି ତଥା ଶବ୍ଦନୃତ୍ୟ ଗୁରୁ ଭଗବାନ ସାହୁଙ୍କ ୨୩ତମ ଶ୍ରାଦ୍ଧବାର୍ଷିକୀ ସାନୁଜ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶବ୍ଦନୃତ୍ୟ ଗୁରୁ ଭାଗବତ ପଧାନ ମୁଖ୍ୟ ଅତିଥି, ସୁବୋଧ ସାହୁ, ନାଟ୍ୟଶ୍ରୀ ହର୍ଷ ବେହେରା, ପଦ୍ମଲୋଚନ ସାହୁ, କବି ସୁଶାନ୍ତ ଭୋସାଗର ସମ୍ମାନିତ ଅତିଥି, ତୋରା ସ୍ନାତକ ମହାବିଦ୍ୟାଳୟର ନାରାୟଣ ଭୋଇ ଓ ପଞ୍ଚାୟତ ମହାବିଦ୍ୟାଳୟର ଡକ୍ଟର ପ୍ରତାପ ପଧାନ ମୁଖ୍ୟ ବକ୍ତା ଭାବେ ଯୋଗଦାନ କରିଥିଲେ। ସ୍ୱର୍ଗତ ସାହୁ ଶବ୍ଦନୃତ୍ୟ ଓ ସମ୍ବଲପୁରୀ କୋଶଲି ଭାଷା ସାହିତ୍ୟ ନାଟକ ମାଧ୍ୟମରେ ପ୍ରଚାର ଓ ପ୍ରସାର କରିବା ସହ ଭାରତୀୟ ନୃତ୍ୟକଳାରେ ଶବ୍ଦନୃତ୍ୟ ନାମକ ଏକ ପୁସ୍ତକ ରଚନା କରି କଳାକାର ଓ ଗବେଷକଙ୍କ ପାଇଁ ହୀରା ଛାଡି ଯାଇଛନ୍ତି ବୋଲି ମତପ୍ରକାଶ ପାଇଥିଲା। ପ୍ରଦୀପ ସାହୁ ସ୍ୱାଗତ ଭାଷଣ ଏବଂ ରାମଜୀ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସୁରେଶ ସାହୁ, ସୁରେଶ ପଧାନ, ଦିବାକର ବନଛୋର, ଥାବ ବିଶି ପ୍ରମୁଖ ସହଯୋଗ କରିଥିଲେ।

# ରାସ୍ତା ଉନ୍ନତୀକରଣ କାର୍ଯ୍ୟ ଶୁଭାରମ୍ଭ

ବରଗଡ଼, ୨୧।୧୧(ପ୍ରେମାନନ୍ଦ ଖମାରୀ)

ଜାତୀୟ ରାଜପଥ ପର୍ଥଲା ରାଇସ ମିଲ୍ ଛକରୁ ବଗେଇବିରା ପର୍ଯ୍ୟନ୍ତ ରାସ୍ତା ଉନ୍ନତୀକରଣ କାର୍ଯ୍ୟ ଶୁଭାରମ୍ଭ ହୋଇଛି। ଏହି ଅବସରରେ ସୋମବାର ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ସଞ୍ଜୟ ପ୍ରଧାନ, ରାଜେଶ୍ୱର ସାହୁ, ମନୋଜ ପୁରୋହିତ, ଶିବାଜୀ ପ୍ରଧାନ, ରାଜୁ କୁଅଁର, ପୁରନ୍ଦର ଭୋସାଗର, ସୁବାସିନୀ ତାଣ୍ଡି, ଝାପ ଭୁଏ, ସୁରେଶରୀ ବିଶି, ସଚ୍ଚିଦାନନ୍ଦ ପଣ୍ଡା, ଅରୁଣ ବିଶି, ଅକ୍ଷୟ ବିଶିଙ୍କ ସମେତ ଗ୍ରାମର ସମସ୍ତ ଏସ୍‌ଏଚ୍‌ଜି ସଦସ୍ୟା ଉପସ୍ଥିତ ଥିଲେ।



ରାସ୍ତା ଉନ୍ନତୀକରଣ କାର୍ଯ୍ୟର ଶୁଭାରମ୍ଭ କରାଯାଉଛି।

# ଜଗବନ୍ଧୁ ଦାସ କଲେଜରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବରପାଲି,୨୧।୧୧(ଚିତ୍ତରଞ୍ଜନ ସାହୁ)

ବରପାଲି ଜଗବନ୍ଧୁ ଦାସ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅଧକ୍ଷ ପ୍ରଦୀପ କୁମାର ମେହେରଙ୍କ ଅଧକ୍ଷତା ଏବଂ କ୍ରୀଡ଼ା ଶିକ୍ଷୟିତ୍ରୀ ବନ୍ଦିତା ପ୍ରଧାନଙ୍କ ନେତୃତ୍ୱରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଯୋଗ ଏବଂ ସର୍ଟ ଫିଲ୍ମ ମେକିଂ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ଯୋଗଗୁରୁ କୃଷ୍ଣଚନ୍ଦ୍ର ମେହେର ଜଜ୍ ଭାବେ ଯୋଗଦାନ କରିଥିଲେ। ଯୋଗ ପ୍ରତିଯୋଗିତାରେ ଯଥାକ୍ରମେ ଆଶା ଭୁଏ, ମୁସ୍କାନ ନାଗ, ମଞ୍ଜୁଷା ନାଗଙ୍କୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଏବଂ ସର୍ଟ ଫିଲ୍ମ ମେକିଂ ପ୍ରତିଯୋଗିତାରେ ଯଥାକ୍ରମେ ଲକ୍ଷ୍ମୀପ୍ରିୟା ମେହେର, ଆଶା ଭୁଏ, ଶୁଭେଚ୍ଛା ମେହେରଙ୍କୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବେ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ସୁଧାଂଶୁ କୁମାର ଦାସ, ସୁରେଶ ବାରିକ, ସୁନିଲ କୁମାର ବେହେରା, ରବିନ୍ଦ୍ର ସାହୁ, ମିନତି ବାବୁ, ନିବେଦିତା ବେହେରା, ଅନ୍ତର୍ଯାମୀ ପଣ୍ଡା, ସୁରେନ୍ଦ୍ର ଦୀପ, ନିରଜ ସାହୁ, ପ୍ରଦୀପ ମିଶ୍ର, ଆନନ୍ଦ ବେହେରା ଏବଂ କାଲୁ କୁମ୍ଭାର ସହଯୋଗ କରିଥିଲେ।

# ସଂସ୍କାର ସ୍କୁଲରେ ମୁନ୍ କାର୍ଯ୍ୟକ୍ରମ ସମ୍ପନ୍ନ

ବରଗଡ଼, ୨୧।୧୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲରେ ଚାଲିଥିବା ମୁନ୍ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଉଦଯାପନୀ ଦିବସରେ ଆଲୋଚନାଚକ୍ରକୁ ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲର ଚେୟାରମ୍ୟାନ ସୁମନ ସାଓ୍ୱଡିଆ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରିନ୍ସପାଲ କରନ ସାହୁ, ସଂସ୍କାର ସାପ୍ଲିଙ୍ଗର ଡାଇରେକ୍ଟର ସିଦ୍ଧାର୍ଥ ସାଓ୍ୱଡିଆ ଏକାଡେମିକ କୋର୍ଡିନେଟର ସୀମା ସାହୁ, କୋର୍ଡିନେଟର ରୀତା ନାୟକ, ମମତା ସିହ୍ନାଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ୫ ବିଦ୍ୟାଳୟର ୮୦ ଜଣ ଡେଲିଗେଟ୍‌ସ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବରେ ଶ୍ରେଷ୍ଠ ଡେଲିଗେଟ୍‌ସ ଅଷ୍ଟ୍ରେଲିଆ (ୟୁଏନ୍‌ଇପି) ସ୍ୱାତୀ ସାହୁ, ମାଦାଗାସ୍କର (ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ)ର ରିତିକ ନୂକଲା, ଉତ୍ତମ ଉପସ୍ଥାପନ ପାଇଁ ୟୁଏନ୍‌ଇପି ଦଳର କ୍ରୀଷ୍ଣା ଭୂତ ଇଜିପ୍ଟ, ଡବ୍ଲ୍ୟୁଏଚଓ ଦଳର ତୁଳସୀ ସାଓ ୟୁକ୍ରେନ, ୟୁଏନ୍‌ଇପିର ଅଭିନବ ବର୍ମା ସୁଇଜରଲ୍ୟାଣ୍ଡ, ଡବ୍ଲ୍ୟୁଏଚ୍‌ଓର ସୁହାନି ପଧାନ ନେପାଳ, ବିଭିନ୍ନ ଦେଶର ବେଶ ପୋଷାକ ମଧ୍ୟରେ ସବୁଠାରୁ ସୁନ୍ଦର ବେଶ ପୋଷାକ ୟୁଏନଇପି ଦଳର ଅଦିତି ଅଗ୍ରୱାଲ କେନିୟା ଓ ଡବ୍ଲ୍ୟୁଏଚ୍‌ଓ ଦଳର ପ୍ରିୟଦର୍ଶନୀ ପୂଜାହାରୀ ନାଇଜେରିଆ, ମୌଖିକ ଉପସ୍ଥାପନା ପାଇଁ ପ୍ରିୟାଂଶୁ ରାଜ ମିଶ୍ର ମୋଜାମ୍ବିକ (ଲିଟଲ ଏଞ୍ଜେଲ ପବ୍ଲିକ ସ୍କୁଲ), ଓମ୍‌କାର ମେହେର ହାଇତିଙ୍କୁ ପୁରସ୍କୃତ କରାଯାଇଥିଲା। ପର୍ଯ୍ୟବେକ୍ଷକ ଭାବେ ବମ୍ବେରୁ ଆସିଥିବା ଅତିଥି ମିଷ୍ଟର କ୍ୟାଭିନ ଓ ମିଷ୍ଟର ରାଜ ବିଦ୍ୟାଳୟର ସମସ୍ତ ବ୍ୟବସ୍ଥା ସାଜସଜ୍ଜାର ପ୍ରଶଂସା କରିଥିଲେ। ପ୍ରିନ୍ସପାଲ ସାହୁ ସମସ୍ତଙ୍କ ମଧ୍ୟରେ ଏକତା, ଭାଇଚାରା ଭାବ ରହୁ ବୋଲି ମତପୋଷଣ କରିଥିଲେ। ଡାଇରେକ୍ଟର ପଟ୍ଟନାୟକ ଏଭଳି ଏକ ଅଭିନବ କାର୍ଯ୍ୟକ୍ରମ ପାଇଁ ବିଦ୍ୟାଳୟର ପ୍ରିନ୍ସପାଲ, ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ପ୍ରଶଂସା କରିଥିଲେ। ଚେୟାରମ୍ୟାନ ସାଓ୍ୱଡିଆ ଛାତ୍ରୀଛାତ୍ରଙ୍କୁ ପ୍ରତିଦିନ ଦେଶ ତଥା ଅନ୍ତଃଦେଶୀୟ ଖବର ଜାଣିବା ଦରକାର ବୋଲି ପରାମର୍ଶ ଦେଇଥିଲେ। ଜାତିପ୍ରଥା, ଆତଙ୍କରାଜ ଭଳି ସମସ୍ୟା ସମାଧାନ ପାଇଁ ଉଦ୍ୟମ କରିବାକୁ ମତପୋଷଣ କରିଥିଲେ। ହଷ୍ଟେଲରେ ଥିବା ଛାତ୍ରୀଛାତ୍ରମାନେ ୟୁଏନ୍‌ଇପି ଉପରେ ଆଧାରିତ ନୃତ୍ୟାଭିନୟ କରିଥିଲେ। ବିଦ୍ୟାଳୟର ଏକାଡେମିକ କୋର୍ଡିନେଟର ସୀମା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




ଉଦ୍‌ଯାପନୀ ସମାରୋହରେ ଅତିଥି ଏବଂ ଆୟୋଜକବୃନ୍ଦ।



କାର୍ଯ୍ୟକ୍ରମରେ ଲୋକନୃତ୍ୟ ପରିବେଷଣ କରିଥିବା ଶିଶୁ କଳାକାରମାନେ।




## ସଂକ୍ଷେପରେ

### ମା'ଙ୍କୁ ଜଣାଇ ଆତ୍ମହତ୍ୟା କଲେ ପୁଅ

ବଡ଼ଗାଁ, ୨୧।୧୧(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁର ଜଣେ ଯୁବକ ତାଙ୍କ ମା'ଙ୍କୁ ଫୋନରେ ଜଣାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ବଡ଼ଗାଁର ବିବେକ ସିଂ(୩୨)। ମଙ୍ଗଳବାର ସକାଳୁ ଘରୁ ବାଇକ୍‌ରେ ବାହାରିଥିଲେ। ମଧ୍ୟାହ୍ନରେ ସେ ତାଙ୍କ ମା'ଙ୍କୁ ମୁଁ ଆଉ ଏ ଦୁନିଆରେ ରହିବି ନାହିଁ କହିବା ସହ ମୋର ତଣ୍ଟି ଜଳୁଛି କହି ଫୋନ କାଟି ଦେଇଥିଲେ। ତାଙ୍କ ବଡ଼ଭାଇ ବିକାଶଙ୍କୁ ମଧ ଫୋନରେ ଜଣାଇଥିଲେ। ଅପରାହ୍ନରେ ବଡ଼ଗାଁ ନିକଟ ସଫେଇ ନଦୀ ତଟ ରାସ୍ତାରେ ବାଇକ୍ ରଖାଯାଇଥିବା ଦେଖି ଜଣେ ବ୍ୟକ୍ତି ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ତାଙ୍କ ବାପା ବିଶ୍ୱନାଥ ସିଂ ସେଠାକୁ ଯାଇ ଖୋଜାଖୋଜି କଲା ପରେ ବୁଦା ମୂଳେ ତାଙ୍କ ମୃତ ଶରୀର ପଡ଼ିଥିବା ଦେଖି ସେଠାରୁ ଉଦ୍ଧାର କରି ମେଡିକାଲକୁ ଆଣିଥିଲେ। ସେ କୌଣସି ନିଶାଦ୍ରବ୍ୟ ଅତ୍ୟଧିକ ସେବନ କରି ଆତ୍ମହତ୍ୟା କରିଥିବା ଆଶଙ୍କା ପ୍ରକାଶ ପାଇଛି। ଏହି ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।



ସୁନ୍ଦରଗଡ଼ ଜିଲା ପରିଷଦ ଅଧ୍ୟକ୍ଷା ମେଳାକୁ ଉଦ୍‌ଘାଟନ କରୁଛନ୍ତି।



ଜିଲା ପରିଷଦ ଅଧ୍ୟକ୍ଷା ଏବଂ ଅନ୍ୟ ଅଧିକାରୀମାନେ ମେଳା ବୁଲି ଦେଖୁଛନ୍ତି।

# ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଆରମ୍ଭ

ରାଉରକେଲା,୨୧।୧୧(ଦିନେଶ ମିଶ୍ର)

ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ରାଉରକେଲା ବେଦବ୍ୟାସ ମେଳା ପଡିଆରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ସୁନ୍ଦରଗଡ଼ ଜିଲା ପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ବକ୍ତବ୍ୟ ଦେଇ ସେ କହିଥିଲେ, ଏହି ପ୍ରଦର୍ଶନୀ ଯୋଗୁ ଆମ କୃଷକମାନେ ଆଧୁନିକ ଯନ୍ତ୍ରପାତି ବିଷୟରେ ଜାଣିପାରିବେ। ଆଧୁନିକ ଯନ୍ତ୍ରପାତି କୌଶଳ ବ୍ୟବହାର କରି ସଫଳ ଚାଷୀ ହୋଇପାରିବେ ଏବଂ ଅଧିକ ରୋଜଗାରକ୍ଷମ ହୋଇପାରିବେ। ସୁନ୍ଦରଗଡ ଜିଲା ମିଲେଟ ଚାଷରେ ଅନ୍ୟ ଜିଲାଠାରୁ ଅଗ୍ରଣୀ। ଆଗାମୀ ଦିନରେ ମିଲେଟ ଚାଷ ଏବଂ ମିଲେଟ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ବିକ୍ରୟରେ ଏହା ସମଗ୍ର ଦେଶରେ ଅଗ୍ରଣୀ ଜିଲା ହେଉ ବୋଲି ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା କୃଷି ଅଧିକାରୀ ହରିହର ନାୟକ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଚାଷୀମାନଙ୍କୁ ନିଜ ଚାଷକୁ ଉନ୍ନତମାନର କରିବା ସହିତ ଖର୍ଚ୍ଚ କମ୍ ପାଇଁ ଅଧିକ ଯନ୍ତ୍ରପାତିର ବ୍ୟବହାର କରିବା ପାଇଁ ଓଡିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ତରଫରୁ ଦିଆଯାଇଥିବା ରିହାତି ବିଷୟରେ ଅବଗତ କରାଇଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଦସ୍ୟ ଭୁବନ କୁଜୁର ଓ ସଂଯୁକ୍ତା ବିନ୍ଦୁ ଲାକ୍ରା, କୁଆରମୁଣ୍ଡା ପଞ୍ଚାୟତ ସମିତି ଅଧକ୍ଷ ଜ୍ୟୋତି କେରକେଟା ଓ ଉପାଧ୍ୟକ୍ଷ ସୁନିତା ଅହିର, ନିର୍ବାହୀ ଯନ୍ତ୍ରୀ (କୃଷି) ପରମାନନ୍ଦ ପ୍ରଧାନ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଜୟନ୍ତ ପତି, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଦୁଷ୍ମନ୍ତ ବେହେରା, ରାଜଗାଙ୍ଗପୁର କୃଷି ଜିଲା ଅଧିକାରୀ ଜଗନ୍ନାଥ ଦାସ, ସୁନ୍ଦରଗଡ କୃଷି ଜିଲା ଅଧିକାରୀ ଜଗଦୀଶ ବେହେରାଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଓ ଚାଷୀମାନେ ଉପସ୍ଥିତ ଥିଲେ। ଶେଷରେ ପାନପୋଷ କୃଷି ଜିଲା ଅଧିକାରୀ ଗିଲିଜିୟସ ବେକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମେଳା ସକାଳ ୧୦ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲୁଥିବା ବେଳେ ମୋଟ ୪୪ଟି ଷ୍ଟଲ ଲାଗିଛି। ଏଥିରେ ଭିନ୍ନ ଭିନ୍ନ ପ୍ରକାର କୃଷି ଯନ୍ତ୍ରପାତି ପ୍ରଦର୍ଶନ କରାଯାଇଛି। ପ୍ରତିଦିନ କୃଷକମାନଙ୍କ ପାଇଁ ସେମିନାର ଆୟୋଜନ କରାଯାଉଛି।

## ଭାଗବତ ପାରାୟଣ, ଅଷ୍ଟପ୍ରହର ନାମଯଜ୍ଞ

ରାଉରକେଲା,୨୧।୧୧(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୧୫ ସ୍ଥିତ ଶ୍ରୀ ଶ୍ରୀ ରାଧାକୃଷ୍ଣ ମନ୍ଦିର ପରିସରରେ ଶ୍ରୀ ରାଧାକୃଷ୍ଣ ସେବା ସମିତି ପକ୍ଷରୁ ଭାଗବତ ସପ୍ତାହ, ଭାଗବତ ପରାୟଣ ଓ ଅଷ୍ଟପ୍ରହର ଉତ୍ସବ ଅଧ୍ୟକ୍ଷ ହରିହର ରାଉତରାୟଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ପ୍ରଥମ ଦିନରେ ଶ୍ରୀ ଜଗନ୍ନାଥଙ୍କ ମୂର୍ତ୍ତି ସ୍ଥାପନା କରି ୭ ଦିନ ସପ୍ତାହ ବସିଥିଲା। ଏଥିରେ ମନ୍ଦିର ମୁଖ୍ୟ ପୂଜକ ବିଜୟ ପାଣିଗ୍ରାହୀ, ଗୁରୁ ଚରଣ ନନ୍ଦ, ଶୁଶିଲ ଦାସ ପ୍ରମୁଖ ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ। ପରେ ଅଷ୍ଟପ୍ରହର ନାମଯଜ୍ଞ ହୋଇଥିଲା। ଏଥିରେ କର୍ତ୍ତା ଭାବେ ପ୍ରଦୀପ ପଟ୍ଟନାୟକ ଯୋଗ ଦେଇଥିଲେ। ଲହୁଣୀପଡାରୁ ମହିଳା ସଙ୍କୀର୍ତ୍ତନ ମଣ୍ଡଳୀ ଓ କଳ୍ପତରୁ ଆଶ୍ରମ ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ହରିନାମ ସଙ୍କୀର୍ତ୍ତନ କରିଥିଲେ। ସ୍ୱାଗରିକା ୱେଲଫେୟାର ଟ୍ରଷ୍ଟ ସଭାପତି ଜୟନ୍ତୀ ଦାସଙ୍କ ଅଧ୍ୟକ୍ଷତାରେ ୬୪ ଜଣ ମହିଳାଙ୍କ ଉପସ୍ଥିତିରେ ଭାଗବତ ପାରାୟଣ ଓ ସାମୁହିକ ହନୁମାନ ଚାଳିଶା ପାଠ କରାଯାଇଥିଲା। କାର୍ଯ୍ୟକ୍ରମକୁ ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ପ୍ରଧାନ, ସମୀର ରଞ୍ଜନ ଦାସ, ରେଖା କୋଠାରୀ, ଶିବରାମ ପୁହାଣ, ସରସ୍ୱତୀ ବେହେରା, ସଙ୍ଗୀତା ମିଶ୍ରା, ପୁରୁଷୋତ୍ତମ ବେହେରା, ନାରାୟଣ ସାମଲ, ହେମନ୍ତ ବିଶ୍ୱାଳ, ଧବଳେଶ୍ୱର ବିଶ୍ୱାଳ, ବିଷ୍ଣୁଚରଣ ବିଶ୍ୱାଳ, ନିତ୍ୟାନନ୍ଦ ଜେନା, କପିଳେଶ୍ୱର ମିଶ୍ର, ନାରାୟଣ ମହାନ୍ତଙ୍କ ସମେତ ଶ୍ରୀରାଧାକୃଷ୍ଣ ସେବା ସମିତିର କର୍ମକର୍ତ୍ତା ସହଯୋଗ କରିଥିଲେ।

## ରାଉରକେଲା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ପୁରସ୍କୃତ

ରାଉରକେଲା,୨୧।୧୧(ଦିନେଶ ମିଶ୍ର)

ସୁନ୍ଦରଗଡ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ସମବାୟ ଦିବସରେ ରାଉରକେଲା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କକୁ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପୁରସ୍କୃତ କରାଯାଇଛି। ସୁନ୍ଦରଗଡ ଜିଲାପାଳ ପରାଗ ହର୍ଷଦ ଗାଭାଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଉରକେଲା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ସିଇଓ ରବୀନ୍ଦ୍ର କୁମାର ମିଶ୍ର, ନିର୍ଦ୍ଦେଶକ ବିଜୟ କୁମାର ପ୍ରଧାନ, ରବୀନ୍ଦ୍ର ପ୍ରଧାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ସୁନ୍ଦରଗଡ ଡିଆରସିଏସ୍ ଉମାଶଙ୍କର ଦାଶ, ଜିଲା ସମବାୟ ସଂଘ ସଭାପତି ଭରତ ଚନ୍ଦ୍ର ମିଶ୍ର, ସୁନ୍ଦରଗଡ ଜିଲା ସମବାୟ ବ୍ୟାଙ୍କ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ରାଉରକେଲା ଅର୍ବାନ ବ୍ୟାଙ୍କ ଚଳିତ ବର୍ଷ ରାଜ୍ୟସ୍ତରରେ ପୁରସ୍କୃତ ହୋଇଥିଲା। ଏହି ସଫଳତା ପାଇଁ ବ୍ୟାଙ୍କ ସଭାପତି ଦିଲୀପ କୁମାର ମହାପାତ୍ର ସମସ୍ତ ସଭ୍ୟ, ଗ୍ରାହକ ଓ କର୍ମଚାରୀଙ୍କ ସମେତ ଦୈନିକ ଜମା ସଂଗ୍ରହକାରୀ, ପୃଷ୍ଠପୋଷକଙ୍କୁ କୃତଜ୍ଞତା ଜଣାଇଛନ୍ତି।




ରାଉରକେଲା ଅର୍ବାନ ବ୍ୟାଙ୍କକୁ ପୁରସ୍କୃତ କରାଯାଉଛି।

## ଆର୍‌ଏସ୍‌ପିର ୭ କର୍ମଚାରୀ ପୁରସ୍କୃତ




ପୁରସ୍କୃତ ହୋଇଥିବା ଆର୍‌ଏସ୍‌ପିର ୭ଜଣ ଅଧିକାରୀ ଓ କର୍ମଚାରୀ ।

ରାଉରକେଲା,୨୧।୧୧(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି କାର୍ମିକ ବିଭାଗ ଅଧିକାରୀଙ୍କ ସମେତ ୭ଜଣ କର୍ମଚାରୀ ସେମାନଙ୍କ ଉଦ୍ୟୋଗୀ ପ୍ରୟାସ ପାଇଁ ସେଲ୍ ସାବାସ ଯୋଜନାରେ ପୁରସ୍କୃତ ହୋଇଛନ୍ତି। ଏହି ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ କାର୍ମିକ ଓ ପ୍ରଶାସନ ବିଭାଗର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏଥିରେ କାର୍ମିକ ଓ ପ୍ରଶାସନ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଅଧକ୍ଷତା କରିଥିବା ବେଳେ କାର୍ମିକ ଓ ପ୍ରଶାସନ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ବିରେନ୍ଦ୍ର କୁଲୁ ପୁରସ୍କାର ପ୍ରଦାନ କରିଥିଲେ। ପର୍ସନାଲ ଓଡି ବିଭାଗ ଆସିଷ୍ଟାଣ୍ଟ ମ୍ୟାନେଜର ସୁଶ୍ରୀ ସିମ୍ପି ପଟେଲ ପ୍ରଶଂସାପତ୍ର ସହି ଉପହାର ପ୍ରଦାନ କରିଥିଲେ। ପ୍ରଶଂସାପତ୍ର ଲାଭ କରିଥିବା ଅଧିକାରୀ ଓ କର୍ମଚାରୀମାନେ ହେଲେ କାର୍ମିକ ବିଭାଗର ଜୁନିୟର ଅଫିସର ସିତ କୁମାର ଆଚାର୍ଯ୍ୟ, ପର୍ସନାଲ ଓଡି ବିଭାଗର ଡାଟା ପ୍ରୋସେସିଂ ଅପରେଟର ସନ୍ଦୀପ କୁମାର ପଶାୟତ, ପର୍ସନାଲ ଓଡି ବିଭାଗ କାର୍ଯ୍ୟନିର୍ବାହୀ ସହାୟକ ଟ୍ରେନି ଲାଜୁରିସ ଡିଗି, ପର୍ସନାଲ ଜିଏ ବିଭାଗ ବରିଷ୍ଠ କାର୍ଯ୍ୟ ନିର୍ବାହୀ ସହାୟକ ଅଭିଜିତ ଦାସ, ପର୍ସନାଲ ଓଡି ବିଭାଗ କାର୍ଯ୍ୟନିର୍ବାହୀ ସହାୟକ ଜ୍ୟୋତିର୍ମୟୀ ମହାନ୍ତି ଏବଂ କାର୍ଯ୍ୟନିର୍ବାହୀ ସହାୟକ ସୁଶ୍ରୀ ପ୍ରଭାତୀ ଆର୍. ଲାକ୍ରା। କାର୍ମିକ ଓଡି ବିଭାଗ ଜିଏମ ଏସ୍. ବଡପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଡିଏଭି ସ୍କୁଲର ୩୪ତମ ସ୍ୱନକ୍ଷତ୍ର ପାଳିତ

ରାଉରକେଲା,୨୧।୧୧(ଦିନେଶ ମିଶ୍ର)

ବାସନ୍ତୀ କଲୋନୀସ୍ଥିତ ଡିଏଭି ପବ୍ଲିକ ସ୍କୁଲର ୩୪ତମ ସ୍ୱନକ୍ଷତ୍ର ଅଧ୍ୟକ୍ଷ ଲୋକନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ଅଧ୍ୟକ୍ଷ ପ୍ରଧାନ ଦୟାନନ୍ଦଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ଏହି ଶିକ୍ଷାନୁଷ୍ଠାନର ବିଗତ ୩୩ ବର୍ଷର ଇତିହାସକୁ ମନେ ପକାଇବା ସହ ଏହାର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ସ୍କୁଲ ପରିସରରେ 'ଶ୍ରୁତିନ୍ୟାସ' ରାଉରକେଲା ତତ୍ତ୍ୱାବଧାନରେ ୧୧ କୁଣ୍ଡୀୟ ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞ ଆୟୋଜିତ ହୋଇଥିଲା। ଏହି ଯଜ୍ଞରେ ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ ଦ୍ୱାରା ସ୍କୁଲ ପରିସରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏଥିରେ ସ୍କୁଲର ପ୍ରଥମରୁ ସପ୍ତମ ଶ୍ରେଣୀ ଯାଏ ପ୍ରାୟ ୧୫ଶହରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ସାମିଲ ହୋଇଥିଲେ। ସ୍କୁଲର ବରିଷ୍ଠ ଶିକ୍ଷୟିତ୍ରୀ ବବିତା ଗୁପ୍ତା, ସେକ୍ଟର-୧୬ ଡିଏଭି ସ୍କୁଲର ଅଧ୍ୟକ୍ଷା ଜଶବିନ୍ଦର କୌର, ପୂର୍ବତନ ଶିକ୍ଷୟିତ୍ରୀ ଲତିକା ପାତ୍ର ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆଧ୍ୟାତ୍ମିକ ସଙ୍ଗୀତ ପରିବେଷଣ କରାଯାଇଥିଲା। ସଙ୍ଗୀତ ଶିକ୍ଷକ ପୁଲିନ ଚନ୍ଦ୍ର ରାଉତ ଓ ଅଶୋକ କୁମାର ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସ୍କୁଲ ପରିଚାଳନା କମିଟି ସଦସ୍ୟ ରାଜେଶ ମାଲହୋତ୍ରା, ମନୋରଞ୍ଜନ ସ୍ୱାଇଁ, ମାନସୀ ପ୍ରଧାନଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ବୈଦିକ ମହାଯଜ୍ଞ କରାଯାଉଛି।

## ଆଧୁନିକ ବହୁମୁଖୀ ମନୋରମ ପରିସର ଉଦ୍‌ଘାଟିତ

ରାଉରକେଲା,୨୧।୧୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୧୮ରେ ଆର୍‌ଏସ୍‌ପିର ଏକ ଆଧୁନିକ, ପ୍ରଭାବଶାଳୀ ଓ ବହୁମୁଖି ମନୋରମ ପରିସର ଉଦଘାଟିତ ହୋଇଯାଇଛି। ଆରଏସପି ଏବଂ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ. ଆର ସୂର୍ଯ୍ୟବଂଶୀ, ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ପି. କେ. ସାହୁ, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, ଚିକିତ୍ସା ଓ ସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଡା. ବି. କେ. ହୋତା, କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ. କେ. ବେହୁରିଆ, କାରଖାନାର ବହୁ ମୁଖ୍ୟ ମହାପ୍ରବନ୍ଧକ ତଥା ଅନ୍ୟ ସମସ୍ତ ବରିଷ୍ଠ ଅଧିକାରୀ, ସହର କଲ୍ୟାଣ ଓ ସୁବିଧା କମିଟିର ସଦସ୍ୟ, ଅଧିକାରୀ ସଂଘ ଓ ବହୁ ଟ୍ରେଡ ୟୁନିୟନର ପ୍ରତିନିଧି ଉପସ୍ଥିତ ଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉଲ୍ଲେଖଯୋଗ୍ୟ, ସେକ୍ଟର-୧୮ର ପୁରୁଣା କମ୍ୟୁନିଟି ସେଣ୍ଟରକୁ ବହୁମାସର ଯୋଜନା ଏବଂ ନିର୍ମାଣ ସହିତ ସମ୍ପୂର୍ଣ୍ଣ ରୂପାନ୍ତରିତ କରାଯାଇଛି। ବହୁମୁଖି ପରିସରରେ ବିଭିନ୍ନ କାର୍ଯ୍ୟକ୍ରମ ସେମିନାର, ସମ୍ମିଳନୀଠାରୁ ଆରମ୍ଭ କରି ସାମାଜିକ ସମାବେଶ ଉତ୍ସବ, ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇପାରିବ।

## ଆନ୍ତଃ ସ୍କୁଲ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ରାଉରକେଲା,୨୧।୧୧(ଦିନେଶ ମିଶ୍ର)

ରାଉରକେଲା ବିଶ୍ରାଡାହାର ସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିର ପରିସରରେ ସହୋଦୟ ସ୍କୁଲ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଏହି କ୍ରୀଡ଼ା ଉତ୍ସବକୁ ହରିୟାନା ନାଗରିକ ସଂଘର ଅଧ୍ୟକ୍ଷ ନରେଶ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଛାତ୍ର ଜୀବନରେ ପାଠପଢା ସାଙ୍ଗକୁ କ୍ରୀଡ଼ାର ଆବଶ୍ୟକତା ରହିଛି। କ୍ରୀଡ଼ା ମାଧ୍ୟମରେ ମାନସିକ, ବୌଦ୍ଧିକ ଓ ଶାରିରୀକ ବିକାଶ ହୋଇଥାଏ। ତେଣୁ ପ୍ରତ୍ୟେକ ଖେଳାଳି ଖେଳୁଆଡ଼ ମନୋଭାବ ନେଇ ଖେଳ ପ୍ରଦର୍ଶନ କରିବାକୁ ମୁଖ୍ୟ ଅତିଥି ଅଗ୍ରୱାଲ ପରାମର୍ଶ ଦେଇଥିଲେ। ଟ୍ରଷ୍ଟି ବିଷ୍ଣୁଦୟାଲ ଅଗ୍ରୱାଲ, ସୁବାଷ ଚନ୍ଦ୍ର ଅଗ୍ରୱାଲ, ପଙ୍କଜ ଗର୍ଗ, ରାଜୀବ କୁମାର ଜିନ୍ଦଲ, ଅରୁଣ ଜିନ୍ଦଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଦୁଇଦିନିଆ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟରେ ସୁନ୍ଦରଗଡ ଜିଲାର ବିଭିନ୍ନ ପ୍ରାନ୍ତଃରୁ ଆସିଥିବା ସିବିଏସ୍‌ସି ମାଧ୍ୟମର ୧୨ଟି ଦଳ ବିଦ୍ୟାଳୟ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍ ବାସନ୍ତୀ କଲୋନୀ ଡିଏଭି ସ୍କୁଲ ଓ ସେକ୍ଟର-୨୧ ନୟାବଜାର ସ୍ଥିତ ଗୁରୁନାନକ ପବ୍ଲିକ ସ୍କୁଲ ମଧ୍ୟରେ ଖେଳାଯାଇଥିଲା। ଏହି ଖେଳକୁ ସ୍କୁଲ କ୍ରୀଡ଼ା ଶିକ୍ଷକ ଡି. ପି. ରାଓ, ଶ୍ରୀରେଖା ପଟ୍ଟନାୟକ, ଚିନୁକୁମାରୀ, ପ୍ରୀତିରେଖା ପାତ୍ରଙ୍କ ସମେତ ସ୍କୁଲର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ସୁସ୍ମିତା ବ୍ରହ୍ମା ଓ ସୁନିତା ଅଗ୍ରୱାଲ ମଞ୍ଚ ପରିଚାଳନା କରିଥିଲେ।




ପ୍ରଥମ ଦିବସରେ ଉଦ୍‌ଘାଟନୀ ମ୍ୟାଚ୍‌ର ଦୃଶ୍ୟ।

## ଶ୍ରମିକ, କୃଷକଙ୍କ ଅଧିକାର ପାଇଁ ୨୬ରୁ ମହାଗଣଧାରଣା

ରାଉରକେଲା,୨୧।୧୧(ଦିନେଶ ମିଶ୍ର)

କେନ୍ଦ୍ର ସରକାରଙ୍କ ଜନବିରୋଧୀ, ଶ୍ରମିକ ଓ କୃଷକ ବିରୋଧୀ ନୀତି ବିରୋଧରେ ୨୧ ଦଫା ଦାବିରେ ବିଭିନ୍ନ ସଂଘ ପକ୍ଷରୁ ଆସନ୍ତା ୨୬, ୨୭, ୨୮ ତିନି ଦିନ ଧରି ୭୨ ଘଣ୍ଟିଆ ଅହୋରାତ୍ର ମହାଗଣଧାରଣା ରାଜଭବନ ସମ୍ମୁଖରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ରାଉରକେଲା ଇସ୍ପାତ କାରଖାନା ଅଧୀନ ଶହ ଶହ ଠିକା ଶ୍ରମିକଙ୍କ ସମେତ କର୍ମଚାରୀ, କୃଷକ ଓ ସାଧାରଣ ଜନତାଙ୍କୁ ସାମିଲ କରିବା ପାଇଁ ରାଉରକେଲା କଣ୍ଟ୍ରାକ୍ଟର ୱାର୍କର୍ସ ୟୁନିୟନ, ସିଆଇଟିୟୁର ସାଧାରଣ ସଭା ସେକ୍ଟର ୧୬ର ଶ୍ରମିକ ଭବନରେ ଅନୁଷ୍ଠିତ ହୋଇ ନିଷ୍ପତ୍ତି ଗ୍ରହଣ କରାଯାଇଛି। ୟୁନିୟନ ଉପସଭାପତି ଶ୍ରୀମନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି କହିଥିଲେ, ଦରଦାମ୍ ବୃଦ୍ଧି ନିୟନ୍ତ୍ରଣ, ଶ୍ରମିକ ବିରୋଧୀ ଶ୍ରମ କୋର୍ଡ ବାତିଲ, କୃଷକ ବିରୋଧୀ କଳା ଆଇନ୍ ପ୍ରତ୍ୟାହାର ସମେତ କୃଷକଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ, ରାଷ୍ଟ୍ରାୟତ ଉଦ୍ୟୋଗ ରେଲୱେ, ସେଲ୍, କୋଲ ଓ ଅନ୍ୟାନ୍ୟ ଲାଭଦାୟକ ସଂସ୍ଥାର ଘରୋଇକରଣ ବନ୍ଦ କରିବା, ଜନଗଣଙ୍କ ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିବା, ଜଙ୍ଗଲ ଜମିର ଅଧିକାର, ସର୍ବନିମ୍ନ ମଜୁରୀ ମାସିକ ୨୬ ହଜାର ପ୍ରଦାନ, ସମସ୍ତଙ୍କୁ ମାଗଣା ଶିକ୍ଷା, ସ୍ୱାସ୍ଥ୍ୟ ଯୋଗାଇ ଦେବା, ବିଦ୍ୟୁତ ସଂଶୋଧନ ବିଲ୍ -୨୦୨୦ ପ୍ରତ୍ୟାହାର କରିବା ଆଦି ୨୧ଦଫା ଦାବିରେ ସମସ୍ତ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ, କର୍ମଚାରୀ ଫେଡେରେଶନ ଓ ସଂଯୁକ୍ତ କିଷାନ ମୋର୍ଚ୍ଚା ଅହୋରାତ୍ର ଗଣଧାରଣା ଦେବେ। ତେଣୁ ସୁନ୍ଦରଗଡ଼ ଜିଲାର ଖଣି ଖାଦାନ, ବିଭିନ୍ନ ଶିଳ୍ପ, ଠିକା ଶ୍ରମିକ, ପରିବହନ ଶ୍ରମିକ, ଆଶା, ଅଙ୍ଗନୱାଡ଼ି, ପାଚିକା ଭଳି ଅନେକ ସ୍କିମ୍ ଶ୍ରମିକ, ନିର୍ମାଣ ଶ୍ରମିକ, କୃଷକ ଏହି ମହାଗଣଧାରଣାରେ ସାମଲ ହେବାକୁ ସେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧରେ ୟୁନିୟନର ସାଧାରଣ ସମ୍ପାଦକ ବିମାନ ମାଇତି, ସିଆଇଟିୟୁ ରାଜ୍ୟ ସମ୍ପାଦକ ବସନ୍ତ ନାୟକ, ବି. ପି ମହାପାତ୍ର, ରାଜକିଶୋର ପ୍ରଧାନ, ଲକ୍ଷ୍ମୀଧର ନାୟକ, ପ୍ରଭାତ ମହାନ୍ତି, ବିଶ୍ୱଜିତ ମାଝୀ, କର୍ମଚାରୀ ଫେଡେରେଶନ ନେତା ଭାଗିରଥି ଟୁଡୁ, ଇସ୍ପାତ ଶ୍ରମିକ ନେତା ବାସୁଦେବ ସାହୁ, ପରିବହନ ଶ୍ରମିକ ନେତା ଅରୁଣ ମହାରଣା, ବସନ୍ତ ପାଢ଼ୀ, ବାବୁଲା ଆପଟ, ବୁବୁନ ମାଇତି, ଜୟନ୍ତୀ ମୋହିନୀ, ଲଳିତା ରଜକ, ବଛିରାମ ବେହେରା, ସାଗର ଛୋଟରାୟ, ପ୍ରମୁଖ ୟୁନିୟନ ନେତାମାନେ ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତ ବିଭିନ୍ନ ୟୁନିୟନର କର୍ମକର୍ତ୍ତା।

## ସଂକ୍ଷେପରେ

### କୁଚିଣ୍ଡା କଲେଜରେ ସମନ୍ୱିତ ଯୁବବିକାଶ କାର୍ଯ୍ୟକ୍ରମ

କୁଚିଣ୍ଡା,୨୧।୧୧(ବିରଞ୍ଚି ଦର୍ଶା): କୁଚିଣ୍ଡା ମହାବିଦ୍ୟାଳୟରେ ମଙ୍ଗଳବାର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷା ସୁଚିତ୍ରା ମିଶ୍ରଙ୍କ ଅଧକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ କୁଚିଣ୍ଡା ପଞ୍ଚାୟତ ସମିତି ଅଧକ୍ଷ ଭୁବନେଶ୍ୱର କିଷାନ, ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବ ପ୍ରଧାନ, କୁଚିଣ୍ଡା କଲେଜ ପୁରାତନ ସଂସଦ ସଭାପତି ପ୍ରଫୁଲ୍ଲ ସାହୁ, ଅବସରପ୍ରାପ୍ତ କଲେଜ ଅଧକ୍ଷ ବିପିନ ବିହାରୀ ନାୟକ ଅତିଥି ଭାବେ ଯୋଗଦେଇ ଥିଲେ। କଳା,ସଂସ୍କୃତି ଓ ସାମାଜିକ ସଚେତନତା ପାଇଁ ଉଦ୍ଦିଷ୍ଟ ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଭାଗନେଇ ଶୃଙ୍ଖଳିତ ଜୀବନ ଶୈଳୀ ଗ୍ରହଣ କରିବାକୁ ଅତିଥିଗଣ ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ ଛାତ୍ରୀଛାତ୍ରମାନେ କଳାନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ଯୁକ୍ତ ୨ ଓ ଯୁକ୍ତ ୩ ନୋଡାଲ ଅଫିସର ଡ. ସୁମନ୍ତ କୁମାର ପଟେଲଙ୍କ ସହ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଉପସ୍ଥିତ ଥିଲେ।

### ସବୁଜ ପଶ୍ଚିମ ଓଡ଼ିଶା ବାର୍ତ୍ତା ନେଇ ସାଇକେଲ ଯାତ୍ରା

ସମ୍ବଲପୁର,୨୧।୧୧(ବି.ଶଙ୍କର)

ସ୍ୱଚ୍ଛ ଓ ସବୁଜ ପଶ୍ଚିମ ଓଡ଼ିଶାର ବାର୍ତ୍ତା ନେଇ ସମ୍ବଲପୁର ପ୍ରୟାସ ପରିବାର ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି କ୍ରମରେ ପ୍ରୟାସ ପରିବାର ସଦସ୍ୟ ମହେନ୍ଦ୍ର ବରର୍ଗ୍ଗା ସମଲେଶ୍ୱରୀ ମନ୍ଦିରରୁ ସାଇକେଲ ଯାତ୍ରା ଆରମ୍ଭ କରିଛନ୍ତି। ସେ ପଶ୍ଚିମ ଓଡିଶାର ବୌଦ୍ଧ, ସୋନପୁର, ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, ବରଗଡ଼, ଝାରସୁଗୁଡା, ସମ୍ବଲପୁର, ଦେବଗଡ, ସୁନ୍ଦରଗଡ ଜିଲାକୁ ଯାଇ ଲୋକମାନଙ୍କୁ ପ୍ଲାଷ୍ଟିକ ବ୍ୟବହାର ନ କରିବା, ଗଛ ନ କାଟିବା, ପରିବେଶ ସଫା ରଖିବା ବିଷୟରେ ସଚେତନ କରାଇବେ। ଭାଜପା କୃଷକ ମୋର୍ଚ୍ଚା ସମ୍ବଲପୁର ଜିଲା ସଭାପତି ସମିର ରଞ୍ଜନ ବାବୁ, ବଜରଙ୍ଗ ଦଳ ପଶ୍ଚିମ ପ୍ରାନ୍ତ ସଂଯୋଜକ ସୁଧିର ବହିଦାର, ହାସ୍ୟ ଅଭିନେତା ଜୋଗେସ ଜୋଜୋ ମା' ସମଲେଶ୍ୱରୀଙ୍କ ପାଖରେ ପୂଜାର୍ଚ୍ଚନା କରି ତାଙ୍କୁ ଉତ୍ସାହିତ କରିଥିଲେ।

### ଭାଲୁ ଆକ୍ରମଣରେ ଚାଷୀ ଗୁରୁତର

ରେଢ଼ାଖୋଲ,୨୧।୧୧ (ଅଚ୍ୟୁତାନନ୍ଦ ପୁରୋହିତ):

ରେଢାଖୋଲ ବନଖଣ୍ଡର ବଡବାହାଲ ରେଞ୍ଜ ଅଧୀନ କୁକୁଡାବାହାଲି ଗ୍ରାମର ଜଣେ ଯୁବ ଚାଷୀ ମଙ୍ଗଳବାର ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କୁ ପରିବାର ଲୋକେ ଉଦ୍ଧାର କରି ରେଢାଖୋଲ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ସୁଚନାମତେ ଗ୍ରାମର ଚାଷୀ ପୁରୁଷୋତ୍ତମ ପ୍ରଧାନ (୩୫) ସକାଳେ ଧାନକାଟିବାକୁ ଚାଷଜମିକୁ ଯାଉଥିବା ବେଳେ ଭାଲୁ ଅତର୍କିତ ଆକ୍ରମଣ କରିଥିଲା। ଫଳରେ ତାଙ୍କ ଡାହାଣ ଗୋଡ ଜଙ୍ଘରେ ଗୁରୁତର ଆଘାତ ଲାଗିଛି। ବନବିଭାଗ ପକ୍ଷରୁ ତାଙ୍କ ଚିକିତ୍ସା ଖର୍ଚ୍ଚ ସହ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଭିସୁଟ୍‌ର ପ୍ରତିବଦ୍ଧତା ଅଗ୍ରଣୀ ଭୂମିକା ଗ୍ରହଣ କରିଛି

ସମ୍ବଲପୁର,୨୧।୧୧(ପ୍ରମୋଦ ବହିଦାର):

ବୈଷୟିକ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷ ପାଇଁ ପ୍ରତିବଦ୍ଧତା ସକାଶେ ସମ୍ବଲପୁର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ଦେଶର ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ୧୯୫୭ ମସିହାରେ ୧୬୦ ଜଣ ଛାତ୍ରଙ୍କୁ ନେଇ ଏକ ଛୋଟ ବୃକ୍ଷ ଭାବେ ଆତ୍ମପ୍ରକାଶ କରିଥିବା ଏହି ଅନୁଷ୍ଠାନ ବର୍ତ୍ତମାନ ୫୦୦୦ ଅଧ୍ୟୟନରତ ଛାତ୍ରୀଛାତ୍ରୀଙ୍କୁ ନେଇ ଏକ ମହାଦ୍ରୁମରେ ପରିଣତ ହୋଇଛି। ସେଥିମଧ୍ୟରେ ରାଜ୍ୟ ବାହାର ଛାତ୍ରୀଛାତ୍ରୀଙ୍କ ସହ କେତେଜଣ ବିଦେଶୀ ଗବେଷକ ମଧ୍ୟ ଅଧ୍ୟୟନ କରିବା ନିଶ୍ଚିତ ଭାବେ ଗୌରବର ବିଷୟ। ସମ୍ବଲପୁର ଗସ୍ତରେ ଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ଭିସୁଟ୍‌ର ୧୫ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି।



ଭିସୁଟ୍ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ଅନ୍ୟ ଅତିଥିଗଣ।

## ସମ୍ବଲପୁର ଗସ୍ତରେ ରାଷ୍ଟ୍ରପତି

- ଭିସୁଟ୍ ସମାବର୍ତ୍ତନ ଉତ୍ସବରେ ଯୋଗଦେଲେ
- ୩୧ ବିଦ୍ୟାର୍ଥୀ ଗ୍ରହଣ କଲେ ୩୭ ପଦକ

ଅପରାହ୍ନରେ ଭିସୁଟ୍ ବିଶ୍ୱେଶ୍ୱରାୟ ପ୍ରେକ୍ଷାଳୟରେ ଓଡ଼ିଶା ରାଜ୍ୟପାଳ ରଘୁବର ଦାସଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ରାଷ୍ଟ୍ରପତି ମୁର୍ମୁ ପ୍ରଥମେ ବିଭିନ୍ନ ବିଷୟରେ କୃତିତ୍ୱ ହାସଲ କରିଥିବା ୩୧ଜଣ ଛାତ୍ରୀଛାତ୍ରଙ୍କୁ ୩୭ଟି ସ୍ୱର୍ଣ୍ଣପଦକ ପ୍ରଦାନ କରିଥିଲେ। ଏହି ଅବସରରେ ସେ ଉଦ୍‌ବୋଧନ ଦେଇ ଛାତ୍ରୀଛାତ୍ରଙ୍କୁ ଦେଶର ବିକାଶ ଓ ପ୍ରଗତିର ବିନ୍ଧାଣି ଭାବେ ଅଭିହିତ କରିଥିଲେ। ଏହି ଶିକ୍ଷାନୁଷ୍ଠାନରୁ ଆହରଣ କରିଥିବା ଦକ୍ଷତା ଓ ଜ୍ଞାନକୁ ଦେଶ ତଥା ସମାଜର ବିକାଶରେ ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ତେବେ ବର୍ତ୍ତମାନ ପେସାଦାର ଜୀବନ ଆରମ୍ଭ କରିବାକୁ ଯାଉଥିବା ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ସଫଳତା କେବଳ ସେମାନଙ୍କ ବ୍ୟକ୍ତିଗତ ସଫଳତା ନୁହେଁ, ବରଂ ଏହା ଦେଶର ବିକାଶ ଓ ପ୍ରଗତି ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଚନ୍ଦ୍ରଯାନ-୩ ଓ ଆଦିତ୍ୟ ଏଲ୍-୧ର ସଫଳତା ନେଇ ଦେଶ ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିପାରିଛି। ତେବେ ଏଥିରେ ବିଶେଷ ଭାବେ ମହିଳାଙ୍କ ସଫଳତା ବେଶ୍ ପ୍ରଶଂସନୀୟ। ବର୍ତ୍ତମାନ ବୈଷୟିକ ଯୁଗରେ ଦେଶର ମହିଳାମାନେ ପ୍ରତିରକ୍ଷାଠାରୁ ଆରମ୍ଭ କରି ମହାକାଶ ଗବେଷଣା, ଚିକିତ୍ସା, ଶିକ୍ଷା, ବୈଷୟିକ ଜ୍ଞାନକୌଶଳ ଆଦି କ୍ଷେତ୍ରରେ ସେମାନଙ୍କ ଦକ୍ଷତା ପ୍ରତିପାଦନ କରିପାରିଛନ୍ତି। ଏ ଦିଗରେ ଆହୁରି ଅଗ୍ରସର ହେବା ପାଇଁ ମହିଳାମାନଙ୍କୁ ଉତ୍ସାହିତ କରିବାର ଆବଶ୍ୟକତା ରହିଛି। ସେହିପରି ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ହାସଲ କରିଥିବା ସଫଳତା ସଫଳତା ନୁହେଁ, ବରଂ ସାମୂହିକ ସ୍ୱାର୍ଥ ବା ସମାଜର ମଙ୍ଗଳ ପାଇଁ ବିନିଯୋଗ ହେଉଥିବା ସଫଳତା ପ୍ରକୃତ ସଫଳତା। ଏହା ଏକ ସୁସ୍ଥ ସମାଜ ଗଠନରେ ବିଶେଷ ସହାୟକ ହୋଇଥାଏ ବୋଲି ରାଷ୍ଟ୍ରପତି କହିଥିଲେ। ଏଠାରୁ ଡିଗ୍ରୀ ହାସଲ କରିଥିବା ସମସ୍ତ ବିଦ୍ୟାର୍ଥୀଙ୍କୁ ଅଭିନନ୍ଦନ ଜଣାଇ ଦେଶ ନିର୍ମାଣରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଉପଲକ୍ଷେ କୁଳପତି ବଂଶୀଧର ମାଝି ଏକ ସ୍ମୃତିଫଳକ ପ୍ରଦାନ କରି ରାଷ୍ଟ୍ରପତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହାପରେ ରାଷ୍ଟ୍ରପତି ସମ୍ବଲପୁର ଆସି ମା' ସମଲେଶ୍ୱରୀଙ୍କୁ ଦର୍ଶନ କରିଥିଲେ। ଏହା ପୂର୍ବରୁ ସେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତିବିହାର ଯାଇ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ରାଜ୍ୟ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁଙ୍କ ସମେତ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁ ଭୂଷଣ ମିଶ୍ର, କୁଳ ସଚିବ, ଉପକୁଳ ସଚିବ ତଥା ଫ୍ୟାକଲ୍ଟି ମେମ୍ବରଗଣ ଉପସ୍ଥିତ ଥିଲେ।

ଏହି ସମାରୋହରେ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ଗ୍ରାମାଞ୍ଚଳ ଓ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ମଞ୍ଚାସୀନ ଥିବାବେଳେ ଭିସୁଟ୍ କୁଳପତି ପ୍ରଫେସର ବଂଶୀଧର ମାଝି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ରାଷ୍ଟ୍ରପତି ଜେଡ୍ ସୁରକ୍ଷା ବଳୟ ମଧ୍ୟରେ ଅପରାହ୍ନ ୪ଟାରେ ଭିସୁଟ୍‌ରେ ପହଞ୍ଚିଥିଲେ। ରଜ୍ୟପାଳ, କୁଳପତି, କୁଳ ସଚିବ ଓ ଅନ୍ୟାନ୍ୟ ଅଧ୍ୟାପକ ପ୍ରମୁଖ ତାଙ୍କୁ ମଞ୍ଚକୁ ପାଛୋଟି ନେଇଥିଲେ। ଏହି ଅବସରରେ ୧୨୪୫ ଜଣ ବିଦ୍ୟାର୍ଥୀଙ୍କୁ ବିଭିନ୍ନ ଉପାଧିରେ ଭୂଷିତ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୯୪୦ ଜଣ ସ୍ନାତକ ଓ ୩୦୫ ଜଣ ସ୍ନାତକୋତ୍ତର ବିଦ୍ୟାର୍ଥୀ ରହିଛନ୍ତି।

## ମା' ସମଲେଶ୍ୱରୀଙ୍କୁ ଦର୍ଶନ କଲେ

ସମ୍ବଲପୁର,୧୯।୧୧(ପ୍ରମୋଦ ବହିଦାର): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ମା' ସମଲେଶ୍ୱରୀଙ୍କୁ ଦର୍ଶନ କରି ଆଶୀର୍ବାଦ ଲାଭ କରିଛନ୍ତି। ରାଷ୍ଟ୍ରପତିଙ୍କ ଦର୍ଶନ ପାଇଁ ଅପରାହ୍ନ ୨ଟାରୁ ସନ୍ଧ୍ୟା ସାଢ଼େ ୬ଟା ପର୍ଯ୍ୟନ୍ତ ମନ୍ଦିରକୁ ବନ୍ଦ କରାଯାଇଥିଲା। ଭିସୁଟ୍‌ରେ ଆୟୋଜିତ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ରାଷ୍ଟ୍ରପତି ମୁର୍ମୁ, ରାଜ୍ୟପାଳ ରଘୁବର ଦାସ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁଙ୍କ ସହିତ ସନ୍ଧ୍ୟା ୫ଟା ୫୦ ମିନିଟ୍ ସମୟରେ ମା'ସମଲେଶ୍ୱରୀଙ୍କ ପୀଠରେ ପହଞ୍ଚିଥିଲେ। ସେଠାରେ ପୂର୍ବରୁ ଅପେକ୍ଷା କରି ରହିଥିବା ଅଭ୍ୟର୍ଥନା ସମିତି ସଦସ୍ୟ ଉତ୍ତରାଞ୍ଚଳ ଆଇଜି ଦୀପକ କୁମାର, ସମ୍ବଲପୁର ମହାନଗର ନିଗମ କମିଶନର ବେଦ ଭୂଷଣ, ସମଲେଶ୍ୱରୀ ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ ବାବୁ ଓ ସଦସ୍ୟ ପ୍ରଫୁଲ୍ଲ ହୋତା ରାଷ୍ଟ୍ରପତିଙ୍କୁ ମନ୍ଦିର ମଧ୍ୟକୁ ପାଛୋଟି ନେଇଥିଲେ। ରାଷ୍ଟ୍ରପତି ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ ଓ ଅନ୍ୟ ସଦସ୍ୟ ତଥା ପୂଜକଙ୍କ ଗହଣରେ ଯାଇ ମା'ଙ୍କ ଆଳତିରେ ଭାଗ ନେଇ ପୂଜାର୍ଚ୍ଚନା କରିଥିଲେ। ପରେ ସେ ସମଲେଇ ପ୍ରକଳ୍ପ କାର୍ଯ୍ୟ ବୁଲି ଦେଖିଥିଲେ। ସମଲେଶ୍ୱରୀ ମନ୍ଦିରର ବିକାଶ କାର୍ଯ୍ୟ ଦେଖି ଖୁସି ବ୍ୟକ୍ତ କରିଥିଲେ। ପୂର୍ବରୁ ୨୦୧୫ରେ ସେ ମନ୍ଦିର ଦର୍ଶନ ପାଇଁ ଅସିଥିଲେ। ମାତ୍ର ବର୍ତ୍ତମାନ ମନ୍ଦିରରେ ବହୁ ପରିବର୍ତ୍ତନ ହୋଇ ଏକ ଧାର୍ମିକ ପରିବେଶ ସୃଷ୍ଟି କରିଛି ବୋଲି କହିଥିଲେ। ଏହି ଅବସରରେ ମନ୍ଦିର ଟ୍ରଷ୍ଟବୋର୍ଡ ପକ୍ଷରୁ ବାନ୍ଧକଳାରେ ପ୍ରସ୍ତୁତ ମା' ସମଲେଶ୍ୱରୀଙ୍କ ଧବଳମୁଖି ବେଶର ଏକ ଫଳକ ପ୍ରଦାନ କରାଯାଇ ରାଷ୍ଟ୍ରପିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।


ସମଲେଶ୍ୱରୀ ମନ୍ଦିରଠାରେ ରାଷ୍ଟ୍ରପତିଙ୍କୁ ବାନ୍ଧକଳାରେ ନିର୍ମିତ ଦେବୀଙ୍କ ଧବଳମୁଖୀ ଚିତ୍ରକଳା ପ୍ରଦାନ କରାଯାଉଛି।

## ଓଡ଼ିଶା ସନ୍ତରଣ ଦଳର ମାଙ୍ଗାଲୁରୁ ଗସ୍ତ

ସମ୍ବଲପୁର,୨୧।୧୧(ବି.ଶଙ୍କର):

ଫେଡେରେଶନ ଅଫ ଇଣ୍ଡିଆ ଆୟୋଜିତ ୧୯ତମ ଜାତୀୟ ମାଷ୍ଟର୍ସ ସନ୍ତରଣ ଚାମ୍ପିୟନଶିପ ଆସନ୍ତା ୨୪ରୁ ୨୬ତାରିଖ ପର୍ଯ୍ୟନ୍ତ ହେବ। କର୍ନାଟକର ମାଙ୍ଗାଲୁରୁସ୍ଥିତ ୟେମେକେରେ ସୁଇମିଂ ପୁଲରେ ହେବାକୁ ଥିବା ପ୍ରତିଯୋଗିତାରେ ଓଡ଼ିଶା ଦଳ ଭାଗ ନେବ। ଉକ୍ତ ଟୁର୍ନାମେଣ୍ଟରେ ୪ଜଣ ସନ୍ତରଣକାରୀ ଓଡିଶା ରାଜ୍ୟ ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଛନ୍ତି। ସମ୍ବଲପୁରର ସୁରେନ୍ଦ୍ର କୁମାର ନାୟକ, ଜୟନ୍ତ କୁମାର ପାଣ୍ଡେ, ସୁବର୍ଣ୍ଣପୁର ସୁରଜ ବ୍ୟାଗ, ପରମେଶ୍ୱର ବ୍ୟାଗ ପ୍ରତିଯୋଗିତାରେ ଭାଗନେବାକୁ ମଙ୍ଗଳବାର ଟ୍ରେନରେ ମାଙ୍ଗାଲୁରୁ ଅଭିମୁଖେ ଯାତ୍ରା କରିଛନ୍ତି । ଓଡିଶା ରାଜ୍ୟ ସନ୍ତରଣ ସଂଘ, ଜିଲା ସନ୍ତରଣ ସଂଘ ଏବଂ ଓଡ଼ିଶା ମାଷ୍ଟର୍ସ ସନ୍ତରଣ କ୍ଲବର ସଦସ୍ୟମାନେ ସମ୍ବଲପୁର ସ୍ଥିତ ଡାକ୍ତର ଝସକେତନ ସାହୁ ସୁଇମିଂ ପୁଲଠାରେ ପୁଷ୍ପଗୁଚ୍ଛ ଦେଇ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଭେଟେରାନ ସନ୍ତରଣକାରୀ ଆର୍ତ୍ତତ୍ରାଣ ମାଝି, ଓଡ଼ିଶା ରାଜ୍ୟ ସନ୍ତରଣ ସଂଘ ସଭାପତି ପ୍ରଦୀନ କୁମାର ପାଢ଼ୀ, କୋଷାଧକ୍ଷ ବିଜୟା କୁମାର ଦୀକ୍ଷିତ, ଓଡ଼ିଶା ରାଜ୍ୟ ସନ୍ତରଣ ସଂଘର ଲକ୍ଷ୍ମୀଚନ୍ଦ୍ର ମହାକୁର, ଆନ୍ତର୍ଜାତୀୟ ମାଷ୍ଟର ଆଥଲେଟ ସୁନ୍ଦରମଣି ବାରିକ, ରାଙ୍କାନିଧି ସେଟ, ଦେବଶିଷ ବନଚୋର ପ୍ରମୁଖ ଉପସ୍ଥିତ ଥିଲେ।


ଝସକେତନ ସାହୁ ସୁଇମିଂ ପୁଲଠାରେ ସନ୍ତରଣଗାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## ଦନ୍ତାହାତୀ ମୃତ୍ୟୁ ଘଟଣା: ଗିରଫ ଅଭିଯୁକ୍ତ କୋର୍ଟ ଚାଲାଣ

ନାକଟିଦେଉଳ,୨୧।୧୧(ବୈକୁଣ୍ଠ ନାଥ ସାହୁ):

ନାକଟିଦେଉଳ ବନାଞ୍ଚଳ ବାଟଗାଁ ଫରେଷ୍ଟ ସେକ୍ସନ ଅନ୍ତର୍ଗତ କୁନ୍ଦେଇଜୁରୀ ଗ୍ରାମ୍ୟ ଜଙ୍ଗଲରେ ଦନ୍ତାହାତୀ ମୃତ୍ୟୁ ଘଟଣାରେ ବନ ବିଭାଗ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ କୁନ୍ଦେଇଜୁରୀ ଗ୍ରାମର ଉମେଶ ଗଡ଼ତ୍ୟା (୩୮)। ସୂଚନା ଅନୁସାରେ ଉକ୍ତ ଜଙ୍ଗଲରେ ଏକ ୧୪ବର୍ଷର ଦନ୍ତାହାତୀ ମରି ପଡ଼ିଥିବା ଖବର ପାଇ ବନ ବିଭାଗ ଗତ ରବିବାର ଦନ୍ତାର ଶବ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଜଣାପଡିଥିଲା, ଉମେଶ ଅନ୍ୟ କିଛି ସାଥୀଙ୍କ ସହିତ ମିଶି ବାର୍ହା ଶୀକାର ପାଇଁ ଜଙ୍ଗଲରେ ବିଦ୍ୟୁତ ତାର ବିଛାଇଥିଲେ। ହାତୀଟି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲା। ଏହି ଘଟଣାରେ ନାକଟିଦେଉଳ ବନବିଭାଗ ଏକମାମଲା (ନଂ.୧୩୭/୨୩) ରୁଜୁ କରି ଉମେଶଙ୍କୁ ଗିରଫ କରିଥିଲା। ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତ ଫେରାର ଥିବା ନାକଟିଦେଉଳ ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ବେହେରା ପ୍ରକାଶ କରିଛନ୍ତ।

## କଲେଜରେ ସମନ୍ୱିତ ଯୁବବିକାଶ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ପଡିଆବାହାଲ, ୨୧।୧୧ (ରାଧାମୋହନ ଷଡ଼ଙ୍ଗୀ):

ସମ୍ବଲପୁର ଜିଲା ଧମାସ୍ଥିତ ମା' ଝାଡେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟଠାରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧମା ସରପଞ୍ଚ ଲଳିତା ପ୍ରଧାନ ମୁଖ୍ୟଅତିଥି ଭାବେ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଶିକ୍ଷା ଅର୍ଜନ ସହିତ ଦେଶ ମାତୃକାର ସେବାରେ ମନ ନିବେଶ କରିବାକୁ ଶିକ୍ଷାର୍ଥୀମାନଙ୍କୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟ ଅଧକ୍ଷ ଅନିଲ ପ୍ରଧାନ ଅଧକ୍ଷତା କରିଥିଲା ବେଳେ ଧମା ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଅନିତ ସ୍ୱାଇଁ ଓ ଯୁକ୍ତ ୨ ମହାବିଦ୍ୟାଳୟର ଅଧକ୍ଷ ଅଶୋକ ପୁରୋହିତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ସୁଶ୍ରୀ ପାଢୀ ଏହାକୁ ସଂଯୋଜନା କରିଥିଲେ। ସଞ୍ଜୟ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ସୁଦୀପ୍ତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଆର୍‌ଏମ୍‌ସି ପକ୍ଷରୁ ଧାନକ୍ରୟ ପ୍ରଶିକ୍ଷଣ ଶିବିର



ଶିବିରରେ ଉପସ୍ଥିତ ଅଧିକାରୀମାନେ।

କୁଚିଣ୍ଡା,୨୧।୧୧(ବିରଞ୍ଚି ଦର୍ଶା):

କୁଚିଣ୍ଡା ଉପଖଣ୍ଡରେ ଆସନ୍ତା ୨୭ ତାରିଖରୁ ଖରିଫ ଧାନକ୍ରୟ ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ କୁଚିଣ୍ଡା ଆର୍‌ଏମ୍‌ସି (ନିୟନ୍ତ୍ରିତ ବଜାର କମିଟି) ପକ୍ଷରୁ ମଙ୍ଗଳବାର ଧାନକ୍ରୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଆର୍‌ଏମ୍‌ସି ସମ୍ପାଦକ କିଶୋର କୁମାର ନାଏକଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଉପଖଣ୍ଡ ଯୋଗାଣ ଅଧିକାରୀ ରାଜକିଶୋର ସାଇଁ, ଏଆର୍‌ସିଏସ୍ ପ୍ରତିନିଧି ଇନ୍ସପେକ୍ଟର ଜିତେନ୍ଦ୍ର ସିଂ ଓ ଚିନ୍ତାମଣି କିଷାନ, ଆର୍‌ଏମ୍‌ସି ସୁପରଭାଇଜର ଅନୀଲ ପୁରୋହିତ, ପୂର୍ବତନ ସୁପରଭାଇଜର ଅଶୋକ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ୨୦୨୩-୨୪ ଖରିଫ ଧାନକ୍ରୟ ପ୍ରଣାଳୀର ବିଭିନ୍ନ ଦିଗ, ଧାନର ମାନ ପରୀକ୍ଷା, ଧାନର କିସମ ଚୟନ, ଏଫ୍‌ଏକ୍ୟୁ ଓ ନନ୍‌ଏଫ୍‌ଏକ୍ୟୁ ନିର୍ଦ୍ଧାରଣ ପ୍ରକ୍ରିୟା ସମ୍ପର୍କରେ ଆଲୋକପାତ କରି କ୍ରୟକାରୀ ସଂସ୍ଥାର କର୍ମକର୍ତ୍ତାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଆସନ୍ତା ୨୭ରେ କୁଚିଣ୍ଡା ବ୍ଲକର କୁଚିଣ୍ଡା, ପାରୁଆଭାଡି, ବାଉରୀଗୋଡା, ବାଙ୍କେ, କୁନ୍ତରା ଆଦି ମଣ୍ଡିରେ ଧାନକ୍ରୟ ଶୁଭାରମ୍ଭ ହେବ ଓ ଏଥିରେ ସମସ୍ତ ଚାଷୀ ସହଯୋଗ କରିବାକୁ ଯୋଗାଣ ଅଧିକାରୀ ସ୍ୱାଇଁ ଅନୁରୋଧ କରିଥିଲେ। ଚଳିତ ଖରିଫ ସାଧାରଣ ଧାନ କୁଇଣ୍ଟାଲ ପ୍ରତି ୨୧୮୩ ଟଙ୍କା ଓ କ ଶ୍ରେଣୀ ଧାନ ମୂଲ୍ୟ ୨୨୦୩ଟଙ୍କା ରହିଥିବା ବେଳେ ଉପଖଣ୍ଡର ୫୪ଗୋଟି ମଣ୍ଡିରେ ଧାନକ୍ରୟ ହେବ। କୁଚିଣ୍ଡା, ବାମରା ଓ ଜମନକିରା ବ୍ଲକର ୯ଗୋଟି ଲ୍ୟାମ୍ପ୍ସ ସହ ୭ଟି ମହିଳା ଏସ୍‌ଏଚ୍‌ଜିଙ୍କୁ ଧାନ କ୍ରୟ ଦାୟିତ୍ୱ ଦିଆଯାଇଛି। ଶିବିରରେ ପାରୁଆଭାଡି ଲ୍ୟାମ୍ପ୍ସ ଏମ୍‌ଡି ମଞ୍ଜିଲ ପଟେଲ, କୁଚିଣ୍ଡା ଏମ୍‌ଡି ସରୋଜ ସାହୁ, କୁସୁମୀ ଏମ୍‌ଡି କୈଳାସ ମାଝିଙ୍କ ସମେତ ବିଭିନ୍ନ ଏସ୍‌ଏଚ୍‌ଜି କର୍ମକର୍ତ୍ତା, ଚାଷୀ ସଂଗଠନ ପ୍ରତିନିଧି, ସମସ୍ତ ଲ୍ୟାମ୍ପ୍ସ କର୍ମଚାରୀ ଓ ଚାଷୀ ଉପସ୍ଥିତ ଥିଲେ। ଚାଷୀମାନଙ୍କ ମଧ୍ୟରେ ବିପିନ ବିହାରୀ ନାୟକ, କୁଳମଣି ପୃଷେଠ, ସଞ୍ଜୀବ ପଟେଲ, ଧନୀରାମ ପୃଷେଠ, ସନ୍ତୋଷ ବାରିକ, ଜନାର୍ଦ୍ଦନ ପୃଷେଠ, ପ୍ରଶାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଠିକାଦାରଙ୍କ ଅବହେଳା: ଅଟକିଛି ୫-ଟି ସ୍କୁଲ କାମ

ସମ୍ବଲପୁର,୨୧।୧୧ (ଭବାନୀ ଶଙ୍କର ଭୋଇ)

ରାଜ୍ୟ ସରକାର ଗୁଣାତ୍ମକ ଶିକ୍ଷାର ପ୍ରସାର ସହ ଭିତ୍ତିଭୂମି ବିକାଶ ପାଇଁ ସ୍କୁଲଗୁଡିକୁ ୫-ଟି ଅଧୀନରେ ଆଣି ଏହାର ରୂପାନ୍ତରଣ କରୁଛନ୍ତି। ହେଲେ ଠିକାଦାରଙ୍କ ଅବହେଳା ଯୋଗୁ ଯୁଯୁମୁରା ବ୍ଲକ କବରାପାଲିର ବୀର ସୁରେନ୍ଦ୍ର ସାଏ ସରକାରୀ ହାଇସ୍କୁଲରେ ୫-ଟି ରୂପାନ୍ତରଣ କାମ ଆଗେଇପାରୁ ନ ଥିବା ଅଭିଯୋଗ ହେଉଛି।

୨୦୨୨ରେ ଯୁଯୁମୁରା ବ୍ଲକର ୯ଟି ସ୍କୁଲକୁ ତୃତୀୟ ପର୍ଯ୍ୟାୟରେ ସାମିଲ କରାଯାଇ ସ୍କୁଲ ଗୁଡିକରେ ସ୍ମାର୍ଟକ୍ଲାସ, ଇ ଲାଇବ୍ରେରି, ଆଧୁନିକ ବିଜ୍ଞାନାଗାର ନିର୍ମାଣ ପାଇଁ ଚିହ୍ନଟ କରାଯାଇଥିଲା। ଏଥିମଧ୍ୟରୁ ୮ଟି ସ୍କୁଲରେ ୫-ଟି ରୂପାନ୍ତରଣ କାମ ଶେଷ ହୋଇ ଉଦ୍‌ଘାଟିତ ହୋଇସାରିଥିବା ବେଳେ କବରାପାଲୀ ବୀର ସୁରେନ୍ଦ୍ର ସାଏ ହାଇସ୍କୁଲରେ କାମ ଆଗେଇ ପାରୁ ନାହିଁ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ୫-ଟି ରୂପାନ୍ତରଣ କାର୍ଯ୍ୟକ୍ରମରେ ସ୍କୁଲରେ ନୂତନ କୋଠା ନିର୍ମାଣ କରା ନ ଯାଇ ଆଗରୁ ତିଆରି ହୋଇଥିବା କୋଠାରେ ଇ ଲାଇବ୍ରେରୀ, ସ୍ମାର୍ଟକ୍ଲାସ, ଆଧୁନିକ ବିଜ୍ଞାନାଗାର, ଶୌଚାଳୟ ନିର୍ମାଣ କରାଯିବା ପାଇଁ ପ୍ରସ୍ତାବ ରହିଥିଲା। ଏଥିପାଇଁ ୨୦୨୨ ଫେବୃୟାରୀ ୮ରୁ କାର୍ଯ୍ୟାଦେଶ ଦିଆଯାଇଥିଲା। ଯୁଯୁମୁରା ବ୍ଲକରେ ତୃତୀୟ ପର୍ଯ୍ୟାୟରେ ଅନ୍ୟ ୫ଟି ସ୍କୁଲର ରୁପାନ୍ତରଣ କାମ ଶେଷ ହୋଇ ଚତୁର୍ଥ ପର୍ଯ୍ୟାୟ କାମ ସରିବାକୁ ବସିଛି। ତେବେ କବରାପାଲି ହାଇସ୍କୁଲରେ ୨୦୧୯-୨୦ ଆର୍ଥିକ ବର୍ଷରେ ନିର୍ମାଣ ହୋଇଥିବା କୋଠାରେ ଇ-ଲାଇବ୍ରେରି ଓ କମ୍ପ୍ୟୁଟର ହଲ ଭାବେ ବ୍ୟବହାର କରାଯିବାକୁ ସ୍କୁଲ କମିଟି ସ୍ଥିର କରିବା ପରେ ଆଉ ନୂଆ କୋଠା ତିଆରି ନ କରି ସେହି ପୁରୁଣା କୋଠାରେ ରଙ୍ଗକାମ କରାଯିବା ପରେ କିଛି ଆସବାବପତ୍ର ନିର୍ମାଣ କରାଯାଇଥିଲା। ତେବେ ୨ଟି ସ୍ମାର୍ଟକ୍ଲାସ ତିଆରି ସହ କମ୍ପ୍ୟୁଟର ରୁମ ପାଇଁ ବୋର୍ଡ ବସାଇବା, ଶୌଚାଳୟ ଓ ନୂଆ ସ୍କୁଲ ଗେଟ ନିର୍ମାଣ କାମ ଏଯାଏ ଠିକାଦାର ଆରମ୍ଭ କରୁନାହାନ୍ତି । ଏବେ ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀରେ ୮୭ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସେମାନେ ବସୁଥିବା କୋଠରିର ଆଜବେଷ୍ଟସ୍ ଫାଟି ଆଁ କରିଛି। ନୂଆ ଶ୍ରେଣୀ କୋଠରି ନିର୍ମାଣ କରାଯାଉ ନ ଥିବାରୁ ପିଲା ପୁରୁଣା କୋଠରିରେ ବସିବାକୁ ବାଧ ହେଉଛନ୍ତି।

ଏ ସମ୍ପର୍କରେ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ କୌଶଲ୍ୟା ବେହେରା କହନ୍ତି, ୪ଟି ସ୍କୁଲ ରୂପାନ୍ତରଣ ପାଇଁ ଦୁଇଟି କିସ୍ତିରେ ୨୦୨୨ ଡିସେମ୍ବରରେ ୧୫ ଲକ୍ଷ ଓ ଜାନୁୟାରୀ ମାସରେ ୨୪ ଲକ୍ଷ ଟଙ୍କା ବିଡିଓଙ୍କୁ ହସ୍ତାନ୍ତର କରାଯାଇଛି। ଏହାସତ୍ତ୍ୱେ ଏ ପର୍ଯ୍ୟନ୍ତ କାମ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଅନ୍ୟପକ୍ଷରେ ଯୁଯୁମୁରା ବିଡିଓ ବିଜୟ ସ କହନ୍ତି, ଠିକାଦାରକୁ ଶୀଘ୍ର କାମ ସାରିବା ପାଇଁ ତାଗିଦ କରାଯାଇଛି। ଏହାଛଡା ସମ୍ପୃକ୍ତ ଜେଇଙ୍କୁ ନିୟମିତ ସ୍କୁଲକୁ ଯାଇ କାମର ଅଗ୍ରଗତି ଉପରେ ରିପୋର୍ଟ କରିବାକୁ କୁହାଯାଇଥିବା ସେ ସୂଚନା ଦେଇଛନ୍ତି।


କବରାପାଲି ସ୍କୁଲର ଅଧାପନ୍ତରିଆ କାମ।

## ସଂକ୍ଷେପରେ

### ଭାଜପା ପକ୍ଷରୁ ବୋଡ଼େନ ବ୍ଲକ ଘେରାଉ

ବୋଡେନ,୨୧ା୧୧(ଟିକେଶ୍ୱର ନାଗ୍)

ନୂଆପଡା ଜିଲା ବୋଡ଼େନ ଭାଜପା ପକ୍ଷରୁ ରାଜ୍ୟ ସରକାରଙ୍କ ଦୁର୍ନୀତି, ଭ୍ରଷ୍ଟାଚାର ବିରୋଧରେ ବ୍ଲକ ଘେରାଉ କରାଯାଇଛି। କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡାଙ୍କ ନେତୃତ୍ୱରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାର ଦଳୀୟ କର୍ମକର୍ତ୍ତା ସାମିଲ ହୋଇ ବୋଡ଼େନ ବସଷ୍ଟାଣ୍ଡରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ ପରେ ଧାରଣାରେ ବସିଥିଲେ। ଏଥିରେ ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତ୍ତି, ଜିଲା ସଭାପତି ସୁବ୍ରତ ଠାକୁର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଦୁମଣି ପାଣିଗ୍ରାହୀ, ଦେବଦେବ ସିଂହ, ଅଜିନ୍ଦ୍ର ଜିତ ସିଂହ ମଲ୍ଲିକ, ପୂର୍ବତନ ଜିଲା ସଭାପତି ଶିବପ୍ରସାଦ ମୁଣ୍ଡ, ପ୍ରିୟରଞ୍ଜନ ମେହେର, ବେଣୁଧର ଜଗତ, ହରି ପ୍ରଧାନୀ, ନୀଳାମ୍ବର ମେହେର, ମାଲଖମ ନାଗ ପ୍ରମୁଖ ଯୋଗଦେଇଥିଲେ।

### ପୂର୍ତ୍ତ ବିଭାଗ ରାସ୍ତା କାର୍ଯ୍ୟ ବିଳମ୍ବ ନେଇ ଜିଲାପାଳଙ୍କୁ ଭେଟିଲେ

ନର୍ଲା,୨୧ା୧୧(ସନ୍ତୋଷ ପାତ୍ର)

କଳାହାଣ୍ଡି ଜିଲା ନର୍ଲା ସାମ୍ବାଦିକ ସଂଘ ପକ୍ଷରୁ ଏକ ପାଞ୍ଚ ଜଣିଆ ପ୍ରତିନିଧି ଦଳ ମଙ୍ଗଳବାର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କୁ ପୂର୍ତ୍ତ ବିଭାଗ ରାସ୍ତା କାର୍ଯ୍ୟ ବିଳମ୍ବ ନେଇ ସାକ୍ଷାତ କରିଛନ୍ତି। ନର୍ଲା ଅଞ୍ଚଳର ଛଟିକୁଡ଼ା ନର୍ଲାରୁ ମ-ରାମପୁର ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତା କାର୍ଯ୍ୟ ଅହେତୁକ ବିଳମ୍ବ ଏବଂ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ପାଇଁ ଅବଗତ କରାଇଛନ୍ତି। ଜିଲାପାଳ ଗୁରୁତର ଭାବେ ନେଇ ଏହାର ତଦନ୍ତ କରାଯାଇ କାର୍ଯ୍ୟ ଅତିଶୀଘ୍ର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

### ବିଦ୍ୱତ ପରିଷଦ ଆଲୋଚନାଚକ୍ର

ରୁପ୍ରାରୋଡ଼,୨୧ା୧୧(ସଞ୍ଜୀବ ଦାସ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ରୁପ୍ରାରୋଡ ସରସ୍ୱତୀ ଶିଶୁ ମନ୍ଦିରରେ ଶିକ୍ଷା ବିକାଶ ସମିତି ଓଡିଶା ଅନ୍ତର୍ଗତ କେସିଙ୍ଗା ସଂକୁଳର ଏହି ବିଦ୍ୱତ ପରିଷଦ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କେସିଙ୍ଗା ସଂକୁଳ ସଂଯୋଜକ ପ୍ରବୀଣ କୁମାର ବେହେରା, ସଂକୁଳ ପ୍ରମୁଖ ମୋହନ ପୁଟେଲ, ବିଦ୍ୟାଳୟ ସଭାପତି ଘନଶ୍ୟାମ ଭୋଇ ଓ ଯୁଗ୍ମ ସମ୍ପାଦକ ଦିଲୀପ କୁମାର ପଧାନ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୱତ ପରିଷଦର ଆଭିମୁଖ୍ୟ ସ୍ପଷ୍ଟ କରି ସଂକୁଳ ସଂଯୋଜକ ଏହାର ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ଉପରେ ବାର୍ତ୍ତା ପ୍ରଦାନ କରିଥିଲେ। ଏଥିରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରୁପ୍ରାରୋଡର ପ୍ରଧାନ ଆଚାର୍ଯ୍ୟ ହେମନ୍ତ କୁମାର ଭୋଇ ଅତିଥି ପରିଚୟ ରଖିଥିଲେ। ବରିଷ୍ଠ ଗୁରୁଜୀ ପବିତ୍ର ମୋହନ ଛୁରିଆ ମଞ୍ଚ ପରିଚାଳନା କରିଥିବା ବେଳେ ଶିଶୁ ମନ୍ଦିରର ଶିଶୁମାନଙ୍କୁ ନେଇ ସ୍ୱାଗତ ସଂଗୀତ ପରିବେଷଣ ହୋଇଥିଲା। ସଂକୁଳ ପ୍ରମୁଖ ମୋହନ ପୁଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

### ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା

ଖଡ଼ିଆଳ,୨୧ା୧୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ବଡ଼ଦୋହେଲ ସରକାରୀ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ପ୍ରଧାନ ଶିକ୍ଷୟିତ୍ରୀ ଅନିମା ପଣ୍ଡା, ମୁଖ୍ୟଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟଦେବ ପଣ୍ଡା, ସମ୍ମାନିତ ଅତିଥି ଭାବେ ସିଆରସିସି କ୍ଷୀରୋଦ ଗହୀର, ସ୍ଥାନୀୟ ସମିତି ସଭ୍ୟା କବିତା ମାଝି, ବିଦ୍ୟାଳୟ ପରିଚାଳନା କମିଟି ଚ୍ୟାରମେନ ଧନେଶ୍ୱର ସଗରିଆ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ୪୦ଜଣ ପ୍ରତିଯୋଗୀ ଭାଗ ନେଇ ୩୦ଟି ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ଛାତ୍ରୀଛାତ୍ର ଏହାର ମଜା ନେବା ସହିତ ବିଜ୍ଞାନ ପ୍ରତି ରୁଚି ଓ ଆଗ୍ରହ ବାଇବା, ମାନବ ସଭ୍ୟତାକୁ ଆଗକୁ ନେବାରେ ବିଜ୍ଞାନର ଆବଶ୍ୟକତା ସମ୍ପର୍କରେ ଜାଣିବା ଓ ଜଣାଇବା ହେଉଛି ମୂଳ ଲକ୍ଷ୍ୟ। କାର୍ଯ୍ୟକ୍ରମରେ ସହ ଶିକ୍ଷକ ବୀରେନ୍ଦ୍ର ରାଉତ ରାୟ, ପୁଷ୍ପାଞ୍ଜଳି ପ୍ରାଣିଗ୍ରାହୀ, ରଜନୀ ଯୋଶୀ, ରଘୁନାଥ ମହାପାତ୍ର, ସୁନେଲି ମାଝି ସହଯୋଗ ଏବଂ ଶିକ୍ଷକ ରତ୍ନାକର ଠେଲା ମଞ୍ଚ ପରିଚାଳନା କରିଥିଲେ।

# ଇନ୍ଦ୍ରାବତୀ ପାଦତଳେ ଥାଇ କେନାଲ ପାଣି ସ୍ୱପ୍ନ

## ଦୀପ ତଳ ଅନ୍ଧାର

■ ବର୍ଷା ଅଭାବରୁ ଧାନ ଚାଷ ନଷ୍ଟ, ଗାଈ ଗୋରୁ ଛାଡ଼ିଲେ ଚାଷୀ

ଭବାନୀପାଟଣା,୨୧ା୧୧(ଉତ୍ତମ କୁମାର ଦାଶ)

ଇନ୍ଦ୍ରାବତୀ ପାଦତଳେ ଥାଇ ମଧ୍ୟ ଏଠାରେ ଲାଗେ ନାହିଁ କେନାଲ ପାଣି। ବର୍ଷା ଭରସାରେ କରିଥିଲେ ଧାନ ଚାଷ। ହେଲେ ଚଳିତବର୍ଷର ନିଅଣ୍ଟିଆ ବର୍ଷା ପାଇଁ ଶୁଖିଲା ପଡ଼ିଛି ହେକ୍ଟର ହେକ୍ଟର ଚାଷଜମି। ଏହାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଚିନ୍ତାର କାରଣ ପାଲଟିଛି। ଏପରି ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଜୟପାଟଣା ତହସିଲ ଅନ୍ତର୍ଗତ ଧନସୁଲି ପଞ୍ଚାୟତରେ। ଏହି ପଞ୍ଚାୟତର ସାସ୍ତୁଗୁଡା, କେନ୍ଦୁଗୁଡ଼ା, ପଣ୍ଡି, ଭାଲୁଜୋର, ଭାଟିପାସ, ନଳାତୁଆଁ, ବାଙ୍ଗିସାହାଜ୍ ଗ୍ରାମର ୧୦୦ରୁ ଊର୍ଦ୍ଧ୍ୱ ହେକ୍ଟର ଚାଷଜମିରେ ନିଅଣ୍ଟିଆ ବର୍ଷା ଯୋଗୁ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି। ଶେଷରେ କିଛି ଚାଷୀ ନିଜ ଧାନ ଜମିରେ ଗାଇଗୋରୁ ଚରିବାକୁ ଛାଡି ଦେଇଥିବା ଦେଖିବାକୁ ମିଳିଛି। ଏପରିକି ଘଟଣା ନେଇ ସାସ୍ତୁଗୁଡାର ଅନେକ ଚାଷୀ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ଆଉ କେତେଦିନ ପରେ ଜିଲାରେ ଖରିଫ ଧାନ ସଂଗହ ପ୍ରକ୍ରିୟା ଆରମ୍ଭ ହୋବ। ଧାନ ଫସଲ ଅମଳ ଶେଷ ହେବାକୁ ବସିଥିବା ବେଳେ ଚାଷୀଙ୍କ



ଧାନ ଚାଷ ନଷ୍ଟ ହେବାରୁ ଚାଷୀ ଜମିରେ ଗାଇ ଗୋରୁ ଛାଡିଛନ୍ତି।

ମଧ୍ୟରେ ଅନେକ ସପ୍ନ ରହିଛି। ଧାନ ବିକ୍ରି ନିଜର ଆବଶ୍ୟକ ପୂରଣ କରିବା ସହ କିଛି ନୂଆ କାର୍ଯ୍ୟ କରିବା ଯୋଜନା ରହିଛି। କିନ୍ତୁ ଜୟପାଟଣା ବ୍ଲକ ଧନସୁଲି ପଞ୍ଚାୟତ ଚାଷୀ ଚିନ୍ତାରେ ରହିଛନ୍ତି। ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ବିଳମ୍ବରେ ଚାଷ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ବର୍ତ୍ତମାନ ପାଣି ଅଭାବରୁ ଚାଷଜମିଗୁଡିକ ଶୁଖିଲା ପଡିଯାଇଛି। ଫଳରେ ଧାନ ଗଛ ଓ କେଣ୍ଡା ଶୁଖି ନଷ୍ଟ ହୋଇଯାଇଛି। ଶେଷରେ କୌଣସି ଉପାୟ ନ ପାଇ ଚାଷୀ ଗାଇ ଗୋରୁ ଚରିବା ପାଇଁକୁ ଛାଡି ଦେଇଛନ୍ତି। ଚାଷୀମାନେ ବିଭିନ୍ନ ଋଣ କରଜ କରି ଚାଷ କରିଥିବା ବେଳେ ବର୍ତ୍ତମାନ କିଭଳି ଋଣ ପରିଶୋଧ କରିବା ସହ ପରିବାର ପ୍ରତିପୋଷଣ କରିବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି। ଜୟପାଟଣା ବ୍ଲକରେ ଥିବା ଇନ୍ଦ୍ରାବତୀ ଜଳ ସେଚନ ପ୍ରକଳ୍ପ ଦ୍ୱାରା ବାମ, ଡାହାଣ ମୁଖ୍ୟ କେନାଲ ଓ ଉଠା ଜଳସେଚନ ପ୍ରକଳ୍ପ ଦ୍ୱାରା ଜିଲ୍ଲାର ଧର୍ମଗଡ଼, ଜୁନାଗଡ଼, ଲାଞ୍ଜିଗଡ଼ ଓ ଭବାନୀପାଟଣା ୪ଟି ନିର୍ବାଚନ ମଣ୍ଡଳୀର ୮ଟି ବ୍ଲକର ୪୨୯ଟି ଗାଁର ୧ ଲକ୍ଷ ୧୨ ହଜାର ୮୬୬.୦୪ ହେକ୍ଟର ଚାଷ ଜମିରେ ଜଳ ସେଚନ କରି ୯୯ ହଜାର ୧୭୨ଟି ଚାଷୀ ପରିବାର ମୁହଁରେ ହସ ଦେଇ ପାରିଛି। କିନ୍ତୁ ଏହି ଅଞ୍ଚଳ ଉଚ୍ଚରେ ଥିବାରୁ ଜଳ ସେଚନ ବ୍ୟବସ୍ଥା ନାହିଁ। ଅଗଷ୍ଟରେ ସାମାନ୍ୟ ବର୍ଷା ହେବା ଯୋଗୁ ଚାଷୀ ଧାର କରଜ କରି ସାର, କୀଟନାଶକ ଔଷଧ ପ୍ରୟୋଗ କରି ଧାନର ଉଚିତ ଯତ୍ନ ନେଇଥିଲେ। କିନ୍ତୁ ଧାନ ଫସଲ ଅମଳ ଶେଷ ବେଳକୁ ପାଣି ଅଭାବରୁ ଗଛ ଶୁଖି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏହି ଅଞ୍ଚଳରେ ଏକ ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ସହ କ୍ଷତିପୂରଣ ଦାବି କରିଛନ୍ତି ଚାଷୀ। ଦୀପତଳ ଅନ୍ଧାର ଭଳି ଇନ୍ଦ୍ରାବତୀ ପାଦ ତଳେ ଥାଇ ମଧ୍ୟ ଅଞ୍ଚଳରେ ଜଳ ସେଚନ ନ ହୋଇ ଚାଷ ଜମି ମରୁଡି ପଡିବା ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଏ ସମ୍ପର୍କରେ ଜୟପାଟଣା ତହସିଲଦାର ରଘୁନାଥ ମୁଣ୍ଡାରୀଙ୍କୁ ପଚାରିବାରୁ ଏକ ଟିମ୍ ପଠାଇ ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତ।

# ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର





ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଉପସ୍ଥିତ ଅତିଥି।

ଜୁନାଗଡ଼,୨୧ା୧୧(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ଠାରେ ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ତୁଷାର ରଞ୍ଜନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକ ଅଧ୍ୟକ୍ଷା ସବିତା ମେହେର, ଏନଏସି ଅଧ୍ୟକ୍ଷ ମୁକେଶ ଅଗ୍ରୱାଲ, ବ୍ଲକ ଉପାଧ୍ୟକ୍ଷ ପ୍ରମୋଦ ବେହେରା, ଏନଏସି ଉପାଧ୍ୟକ୍ଷା ହିମାଦ୍ରୀ ନାଏକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବୀରେନ୍ଦ୍ର କହଁର, ଅତିରିକ୍ତ ତହସିଲଦାର ଅଶୋକ ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ଏଥିରେ ପ୍ରାୟ ତିନିଶହ ପଚାଶରୁ ଅଧିକ ଭିନ୍ନକ୍ଷମ ପଞ୍ଜୀକୃତ ହେଇଥିବା ବେଳେ ପ୍ରାୟ ଦୁଇ ଶହ ପଚିଶ ଜଣଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ୪୦ଜଣ ଭିନ୍ନକ୍ଷମ ସହାୟକ ଉପକରଣ ନିମନ୍ତେ ଆବେଦନ କରିଥିବା ବେଳେ ୩୩ଜଣ ବସ ପାସ ନିମନ୍ତେ ଆବେଦନ କରିଥିଲେ। ଏତଦ ବ୍ୟତୀତ ଅନ୍ୟାନ୍ୟ ଯୋଜନା ନିମନ୍ତେ ୧୦୦ରୁ ଉର୍ଦ୍ଧ୍ୱ ହିତାଧିକାରୀ ଆବେଦନ କରିଥିଲେ। ଜିଲା ମୁଖ୍ୟାଳୟ ଚିକିତ୍ସାଳୟର ଡାକ୍ତର, ଜିଲା ପୁନର୍ବାସ କାର୍ଯ୍ୟାଳୟର କର୍ମଚାରୀମାନେ ଭିନ୍ନକ୍ଷମମାନଙ୍କ ପରୀକ୍ଷା କରି ସାର୍ଟିଫିକେଟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ହିମାଂଶୁ ରଞ୍ଜନ ବଳ ତଥା ଅନ୍ୟ ବ୍ଲକ କର୍ମଚାରୀ ସହଯୋଗ କରିଥିଲେ।

# ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଯାପିତ



ମୁଖ୍ୟଅତିଥି ପୁରସ୍କୃତ କରୁଛନ୍ତି।

ନୂଆପଡ଼ା,୨୧ା୧୧(ମକାରୁ ବେମାଲ)

ସ୍ଥାନୀୟ ପୋଲିସ ପଡିଆଠାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଚାଲିଥିବା ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଦୀପ କୁମାର ସେଠଙ୍କ ଅଧ୍ୟକ୍ଷତାରେ କଳାହାଣ୍ଡି ଏମପି ବସନ୍ତ ପଣ୍ଡା ମୁଖ୍ୟଅତିଥି, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓଡିଶା ପ୍ରାଣୀ ସମ୍ପଦ ବିଭାଗ ଭୁବନେଶ୍ୱର ଡା. ସତ୍ୟ ନାରାୟଣ ପଣ୍ଡା, ଜିଲା ମତ୍ସ୍ୟ ଅଧିକାରୀ ସୈଲେଶ କୁମାର ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷାବିତ ଡା.ଶିବ ପ୍ରସାଦ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ଜିଲାରେ ପଶୁ ପାଳନ, ମତ୍ସ୍ୟ ଓ କୁକୁଡା, ବତକ ଚାଷ ସହ ସ୍ୱୟଂ ସହାୟକ ମହିଳାମାନେ ବିଭିନ୍ନ ଉଦ୍ୟୋଗ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି। ସେମାନଙ୍କୁ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହିତ କରାଗଲେ ଅଧିକ ଉନ୍ନତି କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ୧୪ଟି ଷ୍ଟଲ ପ୍ରଦର୍ଶନ କରାଯାଇଥିଲା। ଜିଲାର ଉନ୍ନତି ଚାଷୀର ବିକାଶ ପାଇଁ ଉଦ୍ୟୋଗୀମାନଙ୍କୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ପ୍ରୋତ୍ସାହିତ କରି ସ୍ୱାବଲମ୍ବୀ ହେବା ପାଇଁ ଉଦ୍ୟମ କରାଯିବ। ଦ୍ୱିତୀୟ ଅଧିବେଶନରେ ଚାଷୀ ଓ ବିଶେଷ୍ୟଜ୍ଞମାନଙ୍କ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ରାଜ୍ୟସ୍ତରୀୟ ବିଶେଷ୍ୟଜ୍ଞମାନେ ଯୋଗ ଦେଇ ପଶୁ ପାଳନ ପ୍ରଣାଳିରେ ବିଷଦ ଭାବେ ଆଲୋକପାତ କରିଥିଲେ। ଜିଲା ପରିଷଦ ବରିଷ୍ଠ ସହାୟକ ବିଭୁଦତ ମିଶ୍ର ମଞ୍ଚ ପରିମଚାଳନା କରିଥିବା ବେଳେ ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସାରଦା ପ୍ରସାଦ ସିଂ ବରିହା, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.କିଶୋର କୁମାର ସାହୁ, ଡା.କୃଷ୍ଣଚନ୍ଦ୍ର ମଲ୍ଲିକ, ଜିଲା ଉପ ନିର୍ଦ୍ଦେଶକ ଡା କେ. ପ୍ରାର୍ଥ ସାରଥୀ ଦୋରା, ସଦର ପ୍ରାଣୀ ଚିକିତ୍ସକ ଡା. ସତ୍ୟରଞ୍ଜନ ବାରିକ, ରଞ୍ଜନମୟୀ ଶବର, ବବ୍ଲୁ ଖାନ, ମିଟୁ ମଟାରୀ, ସଞ୍ଜୟ କାଣ୍ଡ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଉପସ୍ଥିତ ଉଦ୍ୟୋଗୀମାନଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗରେ ସରକାରଙ୍କ ପକ୍ଷରୁ ଥିବା ଯୋଜନାଗୁଡିକ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ବାର୍ତ୍ତା ଦିଆଯାଇଥିଲା।

### ବାଲିଯାତ୍ରାରେ କଳସ ଯାତ୍ରା, ଦେବଦେବୀଙ୍କ ନଗର ପରିକ୍ରମା

କୋକସରା,୨୧ା୧୧(ଦୁଷ୍ମନ୍ତ କୁମାର ପାଢୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ରେଙ୍ଗାଲପାଲି ପଞ୍ଚାୟତ ଝରିଆଗୁଡା ଗ୍ରାମରେ ଦୀର୍ଘ ବର୍ଷ ପରେ ଗ୍ରାମବାସୀଙ୍କ ମିଳିତ ପ୍ରଚେଷ୍ଟାରେ ଜୁନାପଡା ନିକଟରେ ଗ୍ରାମର ସୁଖଶାନ୍ତି, ସମୃଦ୍ଧି, ରୋଗଶୋକ ଦୂର ପାଇଁ ଦେବଦେବୀଙ୍କ ଶରଣାଗତ ଓ ସନ୍ତୁଷ୍ଟ ଲାଗି ବାଲିଯାତ୍ରା ମହୋତ୍ସବ ଆରମ୍ଭ ହୋଇଛି। ବାଲିଯାତ୍ରା ଦୀର୍ଘ ମାସ ଧରି ପାଳନ କରାଯିବ। ଜୁନାପଡାରେ ବାଲିଯାତ୍ରା ପଡ଼ିଆ ନିକଟରେ ଏକ କୁଡିଆରେ ବାଲିଯାତ୍ରାର ମୁଖ୍ୟ ପୁରୋଧା ଗୁରୁମେ (ଗୁରୁମା) ଗ୍ରାମର ମଙ୍ଗଳ କାମନା ପାଇଁ ଦେବଦେବୀଙ୍କ ଆହ୍ୱାନ କରିବା ସହ ପୂଜାପାଠ କରୁଛନ୍ତି। ସୋମବାର ବାଲିଯାତ୍ରା ଅବସରରେ କଳସ ଯାତ୍ରା କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବାଲିଯାତ୍ରା ମହୋତ୍ସବ କମିଟି ସଭାପତି ଜୟଲାଲ ନାଏକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବିଜେଡି ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ସମ୍ମାନିତ ଅତିଥି ଭାବେ ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ସଭାପତି ମାନସ ରଞ୍ଜନ ବାଗ, ରାଜ୍ୟ ଓମଫେଡ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ, ସ୍ଥାନୀୟ ସରପଞ୍ଚ ପଦ୍ମିନୀ ପାତ୍ର, ସମିତି ସଭ୍ୟ ମୁକ୍ତେଶ୍ୱର ନାଏକ, ବିଜେଡି ବ୍ଲକ ସଭାପତି ସୁଶାନ୍ତ କୁମାର ବେହେରା, ଯାଦବ ସମାଜ ବ୍ଲକ ସଭାପତି ବିନୋଦ ବିହାରୀ ରାଉତ, ଉପସଭାପତି କୁରୁକ୍ଷେତ୍ର ନାଏକ, ସହ ସମ୍ପାଦକ ରାଜ କିଶୋର ସାହୁ, ଗ୍ରାମ ଗୌନ୍ତିଆ ଯୁଧିଷ୍ଠିର ନାଏକ ଉପସ୍ଥିତ ରହିଥିଲେ। ବାଲିଯାତ୍ରା ମହୋତ୍ସବ ପର୍ଯ୍ୟାୟ କ୍ରମେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ନିଯୁକ୍ତି ଯୋଗ୍ୟତା ବୃଦ୍ଧି ତାଲିମ ଶିବିର ଉଦ୍‌ଘାଟିତ



ଉଦଘାଟନୀ ସମାରୋହରେ ଅତିଥିମାନେ।

ଭବାନୀପାଟଣା,୨୧ା୧୧
(ଉତ୍ତମ କୁମାର ଦାଶ)

ଭବାନୀପାଟଣାସ୍ଥିତ କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ୧୦ ଦିନିଆ ନିଯୁକ୍ତି ଯୋଗ୍ୟତା ବୃଦ୍ଧି ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ ଶତପଥି ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ଶିବିରରେ ନନ୍ଦୀ ଫାଉଣ୍ଡେଶନ ପକ୍ଷରୁ ଶେଷ ବର୍ଷ ଛାତ୍ରୀମାନଙ୍କ ପାଇଁ ମାଗଣାରେ ଏହି ନିଯୁକ୍ତି ଯୋଗ୍ୟତା ବୃଦ୍ଧି କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। କୁଳପତି ଶତପଥୀ ପିଲାମାନଙ୍କୁ ଏହି ତାଲିମ ଶିବିରର ଉପାଦେୟତା ଓ ଭରପୁର ଫାଇଦା ଉଠାଇବା ପାଇଁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ୍ ପିଜି କାଉନସିଲର ଅଧ୍ୟକ୍ଷା ଡ଼. ନିବେଦିତା ନାଥ, ଛାତ୍ର କଲ୍ୟାଣ ନିର୍ଦ୍ଦେଶିକା ଡ଼ ମଧୁଲିକା ସାହୁ, ଜିଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ଅଜିତ କୁମାର ଉତ୍ତରାୟ ପିଲାମାନଙ୍କୁ କାର୍ଯ୍ୟକ୍ରମର ଉପାଦେୟତା ବିଷୟରେ ବୁଝାଇଥିଲେ। ନନ୍ଦୀ ଫାଉଣ୍ଡେସନର ଅଂଶୁମାନ ମିଶ୍ର ପିଲାମାନଙ୍କୁ ତାଲିମ ବିବରଣୀ ପ୍ରଦାନ କରିଥିଲେ। ଜିଲା ଦକ୍ଷତା ବିକାଶ କାର୍ଯ୍ୟାଳୟର ଅମ୍ବୁଜ ତିୱାରୀ ଧନ୍ୟବାଦ ଦେଇଥିଲେ।

# ବ୍ଲକ ଯାଦବ ସମାଜ ପକ୍ଷରୁ ଯାଦବ ଶୌର୍ଯ୍ୟ ଦିବସ ପାଳିତ

ଖଡ଼ିଆଳ,୨୧ା୧୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ବ୍ଲକ ଯାଦବ ସମାଜ ସଭାପତି କୀର୍ତ୍ତନ ପୋଡଙ୍କ ସଭାପତିତ୍ୱରେ ଭୋଜପୁରସ୍ଥିତ ବ୍ଲକ ଯାଦବ ଭବନଠାରେ ଯାଦବ ଶୌର୍ଯ୍ୟ ଦିବସ ପାଳିତ ହୋଇଛି। ୧୯୬୨ ନଭେମ୍ବର ୧୮ରେ ଭାରତ ଓ ଚାଇନା ମଧ୍ୟରେ ହୋଇଥିବା ଯୁଦ୍ଧରେ ଭାରତରୁ ୧୨୪ଜଣ ଯବାନ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୧୧୭ଜଣ କେବଳ ଅହିର ସୈନ୍ୟ ରହିଥିଲେ। ଚାଇନାର ୧୩୦୦ ସୈନ୍ୟଙ୍କୁ ନିପାତ କରିବା ସହିତ ୩୦୦୦ରୁ ଉର୍ଦ୍ଧ୍ୱ ସୈନିକମାନଙ୍କୁ ଆହତ କରିଥିଲେ। ଏହି ଯୁଦ୍ଧରେ ୧୧୭ ମଧ୍ୟରୁ ୧୧୪ଜଣ ଅହିର ଯବାନ ବିରଗତି ପ୍ରାପ୍ତ କରିଥିଲେ। ତାଙ୍କର ସାହାସ ଓ ଶୌର୍ଯ୍ୟକୁ ସ୍ମରଣ କରିବାକୁ ଦେଶର ବିଭିନ୍ନ ପ୍ରାନ୍ତରେ ଯାଦବ ସମାଜ ପକ୍ଷରୁ ୧୮ ନଭେମ୍ବରକୁ ଯାଦବ ଶୌର୍ଯ୍ୟ ଦିବସ ଭାବେ ପାଳନ କରାଯାଉଛି। ଦୀର୍ଘ ଦିନରୁ କେନ୍ଦ୍ର ସରକାରକୁ ମଧ୍ୟ ଅହିର ରେଜିମେଣ୍ଟ ଗଠନ ପାଇଁ ଯାଦବ ସମାଜ ଦାବି କରି ଆସୁଛି। ଆଗାମୀ ଦିନରେ ଅହିର ରେଜିମେଣ୍ଟ ଗଠନ ନ ହେଲେ ସମସ୍ତ ଯାଦବ ସମାଜ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜିଲା ଯାଦବ ସମାଜ ସମ୍ପାଦକ ତ୍ରିନାଥ ପୁଞ୍ଜି, କୋଷାଧ୍ୟକ୍ଷ ଯୁଧିଷ୍ଠିର ସଗରିଆ, ଜିଲା ମହିଳା ସଭାନେତ୍ରୀ ମମତା ମଞ୍ଜରୀ ଥପା, ବ୍ଲକ ସହ ସମ୍ପାଦକ ଗଣ୍ଡା ରାମ ନିଆଲ, ରାନିମୁଣ୍ଡା କେନ୍ଦ୍ର ସଭାପତି ଗମନା କଟା, ଭୋଜପୁର କେନ୍ଦ୍ର ସଭାପତି ଗୋକୁଳ ଭୋଇ, ଏନଏସି ଯାଦବ ସମାଜ ଉପଦେଷ୍ଟା ଦୟା ଥପା, ବାର୍ତ୍ତାବହ ଉଗ୍ରସେନ ବାଗ, ତୁଳସୀ ରାମ ଭୋଇ, ମୁକୁନ୍ଦ ଗହିର ଓ ଅନ୍ୟ ଯାଦବମାନେ ଉପସ୍ଥିତ ରହିଥିଲେ।





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# କ୍ୟାବିନେଟ ବିଲ୍ ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ

## ପଶ୍ଚିମ ଓଡ଼ିଶାସ୍ତରୀୟ ଆଦିବାସୀ କଲ୍ୟାଣ ସଂଘ ସମାବେଶ

ନୂଆପଡ଼ା,୨୧ା୧୧(ମକାରୁ ବେମାଲ)





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

ନୂଆପଡା ସଦର ବ୍ଲକ ଗୋଡଫଲୁଲା ଜିଏନଏମ ତାଲିମ କେନ୍ଦ୍ରରେ ପଶ୍ଚିମ ଓଡ଼ିଶାସ୍ତରୀୟ ଆଦିବାସୀ କଲ୍ୟାଣ ସଂଘ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ଓଡିଶା ଆଦିବାସୀ କଲ୍ୟାଣ ସଂଘ ଉପଦେଷ୍ଟା ଘାମସିଂ ମାଝିଙ୍କ ଅଧ୍ୟକ୍ଷତାରେ ବଲାଙ୍ଗୀର ଜିଲା ଆଦିବାସୀ କଲ୍ୟାଣ ସଂଘ କାର୍ଯ୍ୟକାରୀ ସଭାନେତ୍ରୀ ବନଲତା ମାଝି, କଳାହାଣ୍ଡି ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ପ୍ରମାନନ୍ଦ ମାଝି, ନୂଆପଡା ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଭାନୁ ପ୍ରତାପ ସିଂ ମାଝି, ବରଗଡ ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ରାଜେନ୍ଦ୍ର ରାଉତ, ଉପଦେଷ୍ଟା ହୋମସିଂ ମାଝି, ବିଶ୍ୱବସୁ ଶବର ସମାଜ ପୂର୍ବତନ ଜିଲା ସଭାପତି ବିହାରୀଲାଲ ବିଶ୍ୱାଳ, ମହିଳା ନେତ୍ରୀ ସରୋଜିନି ମାଝି, ଅବସରପ୍ରାପ୍ତ ସିଏସଓ ବିକ୍ରମ ମାଝି, ଅବସର ପ୍ରାପ୍ତ ଯୋଜନା ଅଧିକାରୀ ବଟକୃଷ୍ଣ ପରୁଆ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିହା ସମାଜ ଜିଲା ସଭାପତି ସମରସିଂ ବରିହା, ଆଦିବାସୀ କଲ୍ୟାଣ ସଂଘ ଜିଲା ଉପସଭାପତି କଲେଶ ସିଂ ଠାକୁର, ବଞ୍ଜାରା ସମାଜ ଜିଲା ସଭାପତି ଈଶ୍ୱର ନାଏକ, ନୂଆପଡା ବ୍ଲକ ସଭାପତି ଭକ୍ତବନ୍ଧୁ ଧରୁଆ, ଖଡିଆଳ ବ୍ଲକ ସଭାପତି କାର୍ତ୍ତିକେଶ୍ୱର ମଲ୍ଲିକ, ଦର୍ଲିମୁଣ୍ଡା ସରପଞ୍ଚ ସନ୍ଧ୍ୟାରାଣୀ ମିର୍ଦ୍ଧା ପ୍ରମୁଖ ଉପସ୍ଥିତଥିଲେ। କଲ୍ୟାଣ ସଂଘ ସମ୍ପାଦକ ବାଳକୃଷ୍ଣ ଶବର ମଞ୍ଚ ପରିଚାଳନା କରିଥିଲେ। ସମାବେଶରେ ନୂଆପଡା ଜିଲା ସମେତ କଳାହାଣ୍ଡି, ବରଗଡ, ବଲାଙ୍ଗୀର ଜିଲାର ବହୁ ଆଦିବାସୀ ନେତା ଏକତ୍ର ହୋଇ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି। ରାଜ୍ୟ କ୍ୟାବିନେଟ ବିଲରେ ଆଦିବାସୀଙ୍କ ଜମିକୁ ଅଣଆଦିବାସୀଙ୍କୁ ହସ୍ତାନ୍ତର ଓ ବିକ୍ରି କରି ପାରିବେ ବୋଲି ଅଗଣତାନ୍ତ୍ରିକ ଓ ଆଦିବାସୀ ବିରୋଧି ନିଷ୍ପତ୍ତି ନେଇଛନ୍ତି। ଏହି ନିୟମ ଆଣି ସରକାର ବେନାମି ଜମି କିଣାର ଅସାଧୁ ଜମି ମାଫିଆଙ୍କୁ ଆଇନ ସମ୍ମତ କରିବାକୁ ଷଡଯନ୍ତ୍ର ରଚିଛନ୍ତି। ଆଗାମୀ ଦିନରେ ଆଦିବାସୀମାନେ କଡା ଜବାବ ଦେବେ ବୋଲି ସଂଘ ଉପଦେଷ୍ଟା ମାଝି ଚେତାବନୀ ଦେଇଛନ୍ତି। ଜଳ, ଜମି ଓ ଜଙ୍ଗଲ ପାଇବା ପାଇଁ ଆଦିବାସୀଙ୍କ ହକ ଅଧିକାର ତଥାପି ବର୍ଷ ବର୍ଷ ଧରି ସରକାର ଓ ପ୍ରଶାସନ ଆଦିବାସୀଙ୍କୁ ଭୂଆଁ ବୁଲାଇ ଆସୁଛନ୍ତି। ଆଦିବାସୀଙ୍କୁ ମୌଳିକ ସୁବିଧା ସୁଯୋଗ ଦେବାରେ ସରକାର ବିଫଳ ହୋଇଛନ୍ତି। ଏହି ସବୁ ହକ ଓ ଅଧିକାର ପାଇଁ ପଶ୍ଚିମ ଓଡିଶାରୁ ଲଢେଇ ଆରମ୍ଭ ହେବ। ଆଗାମୀ ଦିନରେ କ୍ୟାବିନେଟ ବିଲକୁ ବିରୋଧ କରି ବ୍ଲକ, ଜିଲାଠାରୁ ଆରଡିସି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଘେରାଉ କରି ଆନ୍ଦୋଳନ ହେବ। ପଶ୍ଚିମ ଓଡିଶା ଆଦିବାସୀ କଲ୍ୟାଣ ସଂଘକୁ ମଜଭତ କରି କ୍ୟାବିନେଟ ବିଲ ପ୍ରତ୍ୟାହାର ନ କରିବା ପର୍ଯ୍ୟନ୍ତ ଆଦିବାସୀଙ୍କ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## ଦୋକାନ ତାଲା ଭାଙ୍ଗି ଲୁଟ୍, ଜଣେ ଗିରଫ

ରାଉରକେଲା(ଦିନେଶ ମିଶ୍ର): ଟାଙ୍ଗରପାଲି ଥାନା ଅନ୍ତର୍ଗତ ଲୋକନାଥ ମାର୍କେଟ ଅଞ୍ଚଳର ଏକ ପୂଜା ସାମଗ୍ରୀ ଦୋକାନରୁ ଶଟର ଭାଙ୍ଗି ଲୁଟ୍ ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ହରେନ୍ଦ୍ର ସିଂ(୨୪)। ତାଙ୍କଠାରୁ ୫ ହଜାର ଟଙ୍କା ଜବତ କରାଯାଇଛି। ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୮୧/୨୩) ରୁଜୁ କରିଛି। ସୂଚନାଯୋଗ୍ୟ, ଲୋକନାଥ ମାର୍କେଟରେ ଅମୁଜ ରାଉତ ଫଳ ଓ ପୂଜା ସାମଗ୍ରୀ ଦୋକାନ କରିଛନ୍ତି। ସେ ଗତ ୧୯ ତାରିଖ ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ।

### ସଂକ୍ଷେପରେ

## ସ୍କାନ୍ ଷ୍ଟିଲ୍ ଦୁର୍ଘଟଣାରେ ଶ୍ରମିକ ମୃତ୍ୟୁ ଘଟଣା: ୭ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ

କୁତ୍ରା, ୨୧।୧୧(ଦେବାଶିଷ ସାହୁ): ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଗଙ୍ଗାଜଳସ୍ଥିତ ସ୍କାନ ଷ୍ଟିଲ ଲିମିଟେଡ ୟୁନିଟ୍ ୨ବୁଡାକଟାରେ କାର୍ଯ୍ୟରତ ଜନୈକ ଶ୍ରମିକଙ୍କ ମୃତ୍ୟୁ ଘଟଣାରେ ପରିବାରବର୍ଗଙ୍କୁ ୭ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ସୋମବାର ପୂର୍ବାହ୍ନ ୧୧ଟାବେଳେ କାରଖାନାରେ କାର୍ଯ୍ୟରତ ବୁଡାକଟା ଗ୍ରାମର ଚରଣ ନାଏକ (୩୯) ଉପରୁ ତଳକୁ ଓହ୍ଲାଉଥିବାବେଳେ ପଡିଯାଇ ଗୁରୁତର ଆହତ ହୋଇଥିଲେ। ତାଙ୍କୁ କାରଖାନା କର୍ତ୍ତୃପକ୍ଷ ମେଡ଼ିକାଲ ନେବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାକୁ ନେଇ ତାଙ୍କ ପରିବାରବର୍ଗଙ୍କ ପକ୍ଷରୁ କ୍ଷତିପୂରଣ ପ୍ରଦାନ ପାଇଁ ଦାବି ଜଣାଇଥିଲେ। ମଙ୍ଗଳବାର ତାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। କମ୍ପାନୀ ତରଫରୁ ତାଙ୍କ ପରିବାରବର୍ଗଙ୍କୁ ୭ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରାଯାଇଛି। ତାଙ୍କ ମା'ଙ୍କୁ ୨ ଲକ୍ଷ ଟଙ୍କା ପ୍ରଦାନ କରିଥିବାବେଳେ ୨ ସନ୍ତାନଙ୍କ ନାମରେ ୨ ଲକ୍ଷ ୫୦ ହଜାର ଲେଖାଏଁ କରି ୨ଟି ଚେକ ପ୍ରଦାନ କରାଯାଇଛି। ପରିବାରର ଜଣଙ୍କୁ ଏକ ଚାକିରି ପ୍ରଦାନ ସହିତ ଶୁଦ୍ଧିକ୍ରିୟା ପାଇଁ ପରିବାରବର୍ଗଙ୍କୁ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଛି।


ହଷ୍ଟେଲଗୁଡିକୁ ୨୪ଘଣ୍ଟିଆ ପାଣି ଯୋଗାଇଦେବା ଦାବି ନେଇ ସୁନ୍ଦରଗଡ଼ ସରକାରୀ କଲେଜ ଛାତ୍ରୀ ଧାରଣା ଦେଇଛନ୍ତି।

# ପାଣି ପାଇଁ କଲେଜ ବନ୍ଦ

ସୁନ୍ଦରଗଡ଼,୨୧।୧୧(ଜୟନାରାୟଣ ମେଣ୍ଢୁଲି)

ପାଣି ପାଇଁ କଲେଜ ବନ୍ଦ କଲେ ଛାତ୍ରୀଛାତ୍ର। ସୁନ୍ଦରଗଡ଼ ସରକାରୀ କଲେଜରେ ଥିବା ହଷ୍ଟେଲଗୁଡିକୁ ୨୪ଘଣ୍ଟିଆ ପାଣି ଯୋଗାଇଦେବା ଦାବି ନେଇ ମଙ୍ଗଳବାର ଛାତ୍ରୀ ଛାତ୍ରମାନେ ବାଲଟି ଧରି କଲେଜ ସମ୍ମୁଖରେ ଧାରଣାରେ ବସିଥିଲେ। ଫଳରେ କଲେଜରେ ପାଠପଢା ବାଧାପ୍ରାପ୍ତ ହୋଇଥିଲା। ଛାତ୍ରୀଛାତ୍ରମାନଙ୍କ ଅଭିଯୋଗ ହେଉଛି, କଲେଜରେ ଥିବା ୬ଟି ହଷ୍ଟେଲକୁ ନିୟମିତ ଭାବେ ପାଣି ଆସୁନାହିଁ। ଫଳରେ ହଷ୍ଟେଲରେ ରହୁଥିବା ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଇରାବତୀ ଲେଡିଜ ହଷ୍ଟେଲର ଛାତ୍ରୀମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏଠାରେ ସାଢ଼େ ତିନିଶହ ଛାତ୍ରୀ ରହୁଛନ୍ତି। ଏଠାକୁ ଦିନକୁ ଗୋଟିଏ ଘଣ୍ଟା ପାଣି ଆସୁଛି। ଯାହାକି ଅନ୍ତେବାସୀ ଠିକ ଭାବରେ ଗାଧୁଆପାଧୁଆ ଓ ଶୌଚ ମଧ୍ୟ ହୋଇପାରୁ ନାହାନ୍ତି। ଏ ସମ୍ପର୍କରେ କଲେଜର ଛାତ୍ରୀଛାତ୍ର ଜିଲାପାଳଙ୍କୁ ଭେଟି ଜଣାଇଥିଲେ। କୌଣସି ସୁଫଳ ନ ପାଇ ପରିଶେଷରେ ଶ୍ରେଣୀ ବର୍ଜନ କରି କଲେଜ ଆଗରେ ଧାରଣା ଦେଇଥିଲେ। କଲେଜ ଛାତ୍ରୀଛାତ୍ରଙ୍କ ଦାବିକୁ ସମର୍ଥନ ଜଣାଇ ସ୍ଥାନୀୟ ବିଧାୟିକା କୁସୁମ ଟେଟେ ମଧ୍ୟ ସେମାନଙ୍କ ସହ ଧାରଣାରେ ବସି ରହିଥିଲେ। କଲେଜ ଅଧ୍ୟକ୍ଷ ଡକ୍ଟର ଲଳିତରଞ୍ଜନ ସାହୁ, ୱାଟକୋର ମ୍ୟାନେଜର ନିକୁଞ୍ଜ ବିଳାସିନୀ କାଲୋ, ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ଆଲୋଚନା କରିଥିଲେ। ୨ଦିନ ମଧ୍ୟରେ ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଛାତ୍ରୀଛାତ୍ର ଆନ୍ଦୋଳନରୁ ଓହରିଥିଲେ।

## ସୁନ୍ଦରଗଡ଼ରେ ଜିଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ପାଳିତ

ସୁନ୍ଦରଗଡ଼, ୨୧।୧୧(ଜୟନାରାୟଣ ମେଣ୍ଢୁଲି)

ସ୍ଥାନୀୟ ସଦ୍‌ଭାବନା ଭବନ ଠାରେ ମଙ୍ଗଳବାର ଜିଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ମତ୍ସ୍ୟ ଅଧିକାରୀ ଅରୁଣ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଏହି ଅବସରରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ମନୋଜ ମହାଜନ ଯୋଗଦେଇ ଜିଲାରେ କିଭଳି ଅଧିକରୁ ଅଧିକ ମତ୍ସ୍ୟ ଚାଷୀ ସୃଷ୍ଟି ହେବେ ସେନେଇ ଆଲୋଚନା କରିଥିଲେ। ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡ଼ା. ବସନ୍ତ କୁମାର ଧଳ ମାଛ ଚାଷ ସହିତ ସମନ୍ୱିତ କୃଷି ଉପରେ ଗୁରୁତ୍ୱାରୋପ କରିଥିଲେ। ଚାଷୀମାନେ ମାଛ ଚାଷ ସହିତ ବତକ, କୁକୁଡ଼ା ଚାଷ, ପନିପରିବା, ଫୁଲ ଚାଷ କରି ଲାଭାନ୍ୱିତ ହୋଇପାରିବେ ବୋଲି ସେ ମତ ବ୍ୟକ୍ତ କରିଥିଲେ। ସେହିଭଳି ଏଲ୍‌ଡି.ଏମ ଗଗନ ଭୋଳ ମାଛ ଚାଷ ତଥା ଅନ୍ୟାନ୍ୟ ସମନ୍ୱିତ ଚାଷ ପାଇଁ ବ୍ୟାଙ୍କ ପକ୍ଷରୁ ଥିବା ବିଭିନ୍ନ ସୁବିଧା ସୁଯୋଗ ଯଥା ଋଣ, ସବସିଡି ଆଦି ଉପରେ ଆଲୋକପାତ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡେଭିଡ ବାଗେ ଚାଷ ନିମନ୍ତେ ଥିବା ବୈଷୟିକ ଜ୍ଞାନ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଜିଲାରେ ସଫଳ କେତେ ଜଣ ମତ୍ସ୍ୟ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଟ୍ୟାଙ୍କ ମାଧ୍ୟମରେ ମାଛ ଚାଷ କରିଥିବା ସଦର ବ୍ଲକ୍ ଅନ୍ତର୍ଗତ ଲଙ୍କାହୁଡ଼ା ଗ୍ରାମପଞ୍ଚାୟତର ପ୍ରଫୁଲ୍ଲ ପଟେଲ, ବାୟୋଫ୍ଲକ୍ ପ୍ରଣାଳୀରେ ମାଛ ଚାଷ କରିଥିବା ନୂଆଗାଁ ବ୍ଲକର ପୁରୁଣାପାଣି ଗ୍ରାମପଞ୍ଚାୟତର ବିଜୟ ଗଞ୍ଜୁ ଏବଂ ବଡ଼ଗାଁ ବ୍ଲକ ରୁନଗାଁ ଗ୍ରାମପଞ୍ଚାୟତର ପଦ୍ମାଳୟା ସ୍ୱୟଂ ସହାୟକ ଗୋଷ୍ଠୀକୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅରୁଣ ଆଚାର୍ଯ୍ୟ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଉପସ୍ଥିତ ଥିଲେ।


ମତ୍ସ୍ୟ ଦିବସରେ ପୁରସ୍କୃତ କରାଯାଉଛି।

## ଇଣ୍ଡୋ ତିବ୍ବତ ବାହିନୀରେ କାର୍ଯ୍ୟରତ ଯବାନଙ୍କ ମୃତ୍ୟୁ

କୁତ୍ରା,୨୧।୧୧(ଦେବାଶୀଷ ସାହୁ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଖୁରାପାଲି ଗ୍ରାମର ଦିପକ କୁମାର ପଟେଲ(୩୩) ଇଣ୍ଡୋ ତିବ୍ବତ ପୋଲିସ ବାହିନୀରେ କାର୍ଯ୍ୟ କରୁଥିଲେ। ତେବେ ତାଙ୍କର ଶରୀର ଅସୁସ୍ଥତା ପାଇଁ ମୃତ୍ୟୁ ଘଟିଛି। ଛତିଶଗଡ଼ର ରାୟପୁରଠାରେ ମୃତ୍ୟୁ ଘଟିଥିବାବେଳେ ତାଙ୍କୁ ଶହୀଦର ମାନ୍ୟତା ପ୍ରଦାନ କରାଯାଇଛି। ମଙ୍ଗଳବାର ରାୟପୁରଠାରେ ତାଙ୍କୁ ଆଇଟିବି ପୋଲିସ ଏବଂ ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ପରେ ତାଙ୍କ ଜନ୍ମମାଟି ଖୁରାପାଲି ଅଭିମୁଖେ ତାଙ୍କ ପାର୍ଥିବ ଶରୀରକୁ ଜଣେ କମାଣ୍ଡାଣ୍ଟ, ଜଣେ ପୋଲିସ ଇନ୍ସପେକ୍ଟର ଏବଂ ୧୪ ଜଣିଆ ଆଇଟିବି ଯବାନ ଆଣୁଥିବା ନେଇ ଛତିଶଗଡ଼ ପୋଲିସରେ କାର୍ଯ୍ୟରତ ଅଧିକାରୀ ହଜାରି ଲାଲ ପ୍ରକାଶ କରିଛନ୍ତି। ବୁଧବାର ସକାଳେ ତାଙ୍କ

### ଜନ୍ମମାଟିରେ ଦିଆଯିବ ଗାର୍ଡ ଅଫ୍ ଅନର

ଜନ୍ମମାଟିରେ ତାଙ୍କୁ ଗାର୍ଡ ଅଫ ଅନର ପ୍ରଦର୍ଶନ ସହ ଅନ୍ତିମ ସତ୍କାର କରାଯିବ ବୋଲି ଜଣାପଡିଛି। ଦୀପକ ଗତ ୧୦ ବର୍ଷ ହେଲା ପୋଲିସ ବାହିନୀରେ ଯୋଗ ଦେଇଥିବାବେଳେ ବର୍ତ୍ତମାନ ଇଣ୍ଡୋ ତିବ୍ବତ ବାହିନୀରେ କାର୍ଯ୍ୟ କରୁଥିଲେ। ଚାଇନା ତିବ୍ବତ ବୋର୍ଡରରେ କାର୍ଯ୍ୟରତ ଥିଲେ। ଛତିଶଗଡ ରାଜ୍ୟରେ ଚାଲୁଥିବା ସାଧାରଣ ନିର୍ବାଚନରେ ତାଙ୍କୁ କିଛି ଦିନ ତଳେ ଡ୍ୟୁଟି ଦିଆଯାଇଥିଲା। ସେଠାରେ ଗତ ୧୬ ତାରିଖରେ କାର୍ଯ୍ୟରତ ଅବସ୍ଥାରେ ତାଙ୍କ ଶରୀର ଅସୁସ୍ଥ ହୋଇଥିଲା। ତାଙ୍କୁ ରାୟପୁରର ଏକ ହସ୍ପିଟାଲରେ ଚିକିତ୍ସା କରାଯାଉଥିବାବେଳେ ୨୦ ତାରିଖ ଅପରାହ୍ଣ ସାଢେ ୪ ଟାରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ।


ଯବାନଙ୍କୁ ଗାର୍ଡ଼ ଅଫ୍ ଅନର ଦିଆଯାଉଛି।

## ଜାତୀୟ ଶିଶୁ ବିଜ୍ଞାନ ପ୍ରଦର୍ଶନୀ


ଛାତ୍ରୀଛାତ୍ର ନିଜର ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

ହେମଗିର,୨୧।୧୧(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଲୁଆବାହାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ମଙ୍ଗଳବାର ଜାତୀୟ ଶିଶୁ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋପାଳ ଚନ୍ଦ୍ର ପ୍ରଧାନ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ବିଇଓ କରୁଣା ସାଗର ପଟେଲ, ଜିଲା ପରିଷଦ ସଭ୍ୟା ମହିମା ସେଠ, ଜିଲା ପରିଷଦ

### ଛାତ୍ରୀଛାତ୍ରଙ୍କ ଦ୍ୱାରା ୨୮୪ ପ୍ରକଳ୍ପ ପ୍ରଦର୍ଶିତ

ସଭ୍ୟ ଉଦିତ ସେଠ, ଏବିଇଓ କିଶୋର କୁମାର ଅର୍କ,ଏବିଇଓ କପିଳ ଚନ୍ଦ୍ର ଦାସ, ଶିକ୍ଷକ ସଂଘର ସଭାପତି ରାମଲାଲ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ୨୮୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତି ପ୍ରଧାନ, ସମ୍ମାନିତ ଅତିଥି ଭାବେ ଡିଇଓ ଅମୂଲ୍ୟ କୁମାର ପ୍ରଧାନ, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପରେ ଉପସ୍ଥିତ ଅତିଥିମାନେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନବନୀତା ନାଏକ, ବସନ୍ତ କିଷାନ, ରସ୍ମିତା ସାହାସିଆ, ଏଲିନା ନାଏକ, ସମୀର ରଞ୍ଜନ ମିଶ୍ର, ସମ୍ପିତ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

## ଡାଲମିଆ ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ


ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ।

କୁତ୍ରା, ୨୧।୧୧(ଦେବାଶିଷ ସାହୁ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଝାରବେଡା ଡାଲମିଆ ମହାବିଦ୍ୟାଳୟ ପରିସରରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ହିରନ ଲୁଗୁନ ସ୍ୱାଗତ ଅଭିଭାଷଣ ଦେବା ସହିତ ଏହି କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ନିରଞ୍ଜନ କୁମାର ପଟେଲ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ରଞ୍ଜିତ କୁମାର ପରିଜା, ଜିତେନ୍ଦ୍ର କୁମାର ପଟେଲ, ଆଲୋକ ପଟେଲ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ନିଜ ବକ୍ତବ୍ୟ ମାଧ୍ୟମରେ ମହାବିଦ୍ୟାଳୟର ଇତିହାସ ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟରେ ଅନୁଷ୍ଠିତ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀଛାତ୍ର ଯୋଗଦେବା ପାଇଁ ଉପଦେଶ ଦେଇଥିଲେ। ଅଧ୍ୟାପକ ମହେଶ କୁମାର ସେଠୀ ଓ ଅଧ୍ୟାପିକା ଅଲିସା ତିର୍କୀ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଏକଲବ୍ୟ ନାଏକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କ ସହିତ ସମସ୍ତ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

## ଓଡ଼ିଶା ଡ୍ରାଇଭର ମହାସଂଘର ମହାବନ୍ଧୁମିଳନ

ଲହୁଣୀପଡ଼ା,୨୧।୧୧(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ କଲେଇପୋଷ ପଞ୍ଚାୟତ ଅନ୍ତର୍ଗତ କେନ୍ଦୁଡ଼ିହିଠାରେ ଓଡିଶା ଡ୍ରାଇଭର ମହାସଂଘ ତରଫରୁ ଜିଲାସ୍ତରୀୟ ମହାବନ୍ଧୁମିଳନ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭାପତି ପ୍ରଶାନ୍ତ ମେଣ୍ଢୁଲି, ମୁଖ୍ୟବକ୍ତା ଭାବେ ସମ୍ପାଦକ ଚୈତନ୍ୟ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଘନଶ୍ୟାମ ବେହେରା, ମାନସ ରଞ୍ଜନ ଦେବତା, ଆଦିତ୍ୟ ପ୍ରସାଦ ବେହେରା ଯୋଗ ଦେଇଥିଲେ। ଜିଲା ଉପସଭାପତି ଭୀଷ୍ମରଞ୍ଜନ ମାହାନ୍ତ ଅଧ୍ୟକ୍ଷତା କରିଥିଲେ। ଶରତ ବେହେରା ପରିଚୟ ପ୍ରଦାନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିବା ବେଳେ ନରୋତ୍ତମ ବେହେରା ମଞ୍ଚ ପରିଚାଳନା କରିଥିଲେ। ପାରମ୍ପରିକ ଆଦିବାସୀ ନୃତ୍ୟ ଗୀତର ତାଳେ ତାଳେ ଅତିଥିମାନଙ୍କୁ ମଞ୍ଚ ନିକଟକୁ ସଂଘ ପକ୍ଷରୁ ପାଛୋଟି ନିଆଯାଇଥିଲା। ସଭା ଶେଷରେ ଅବକାଶ କାଠୁଆ ଧନ୍ୟବାଦ ଅର୍ପଣ କରିଥିଲେ। ଓଡିଶା ଡ୍ରାଇଭର ମହାସଂଘ ତରଫରୁ ରାଜାମୁଣ୍ଡା ବାଇପାସ ଠାରୁ ଏକ ବିରାଟ ପଦଯାତ୍ରାରେ ବାହାରି ରାଜାମୁଣ୍ଡା, ଲହୁଣୀପଡ଼ା ଅତିକ୍ରମ କରି କେନ୍ଦୁଡ଼ିହି ସଭାସ୍ଥଳରେ ପହଞ୍ଚି ଥିଲେ। ଏହି ପଦଯାତ୍ରାରେ ୨୯ ଟି ଜିଲା କମିଟିର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଜିଲା କମିଟି ଓ କଲେଇପୋଷ ପଞ୍ଚାୟତ ଡ୍ରାଇଭର ମହାସଂଘର କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ ବନ୍ଧୁମିଳନ ହୋଇଥିଲା।

## ସଡ଼କ ଦୁର୍ଘଟଣାରେ ମୃତକଙ୍କ ପାଇଁ ମହମବତି ଶୋଭାଯାତ୍ରା

ରାଜଗାଙ୍ଗପୁର, ୨୧।୧୧(ଅଶୋକ ପାଣି): ରାଜଗାଙ୍ଗପୁର ଅଞ୍ଚଳର ଝୁଙ୍ଗିମାଟିଠାରେ ୧୦ନଂ. ରାଜ୍ୟ ରାଜପଥରେ ମୃତ୍ୟୁବରଣ କରିଥିବା ମୃତକଙ୍କୁ ମନେପକାଇବା ପାଇଁ ଏଲଏଣ୍ଡଟି କାଂଶବାହାଲ ସଡକ ସୁରକ୍ଷା ଦ୍ୱାରା ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସଭାରେ ରାଉରକେଲାର ହାଇୱେ ପାଟ୍ରୋଲିଂ ଅଧିକାରୀ ଗଗନ ବିହାରି ପଣ୍ଡା, ଏଲଏଣ୍ଡଟିର ଶଙ୍କର ଦାସ, ସନ୍ତଲାଲ କଣ୍ଟା, ବିବେକ ମିଶ୍ର, ଜ୍ୟୋତି ପ୍ରକାଶ, ଝୁଙ୍ଗିମାଟି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରତ୍ନପ୍ରଭା ଦେବୀ ପ୍ରମୁଖ ଯୋଗଦେଇ ସଡ଼କ ଦୁର୍ଘଟଣା ଉପରେ ବକ୍ତବ୍ୟ ରଖିଥିଲେ। ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ମୃତକଙ୍କୁ ମନେପକାଇ ମହମବତୀ ଜଳାଇ ସ୍ମୃତିଚାରଣ କରିଥିଲେ। ଏଥିରେ ଝୁଙ୍ଗିମାଟି ବିଦ୍ୟାଳୟର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।


ଛାତ୍ରୀମାନେ ମହମବତୀ ଶୋଭାଯାତ୍ରା କରୁଛନ୍ତି।

## ଭାଜପାର କୁତ୍ରା ବ୍ଲକ ଘେରାଉ, ବିକ୍ଷୋଭ

କୁତ୍ରା, ୨୧।୧୧(ଦେବାଶିଷ ସାହୁ)

ସୁନ୍ଦରଗଡ଼ ଜିଲା କୁତ୍ରା ଭାଜପା ପକ୍ଷରୁ ରାଜ୍ୟ ସରକାରଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣି ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପ୍ରଥମେ ଦୁର୍ଗା ମଣ୍ଡପଠାରୁ ଶୋଭାଯାତ୍ରା ବାହାରି ୧୦ନମ୍ବର ରାଜ୍ୟ ରାଜପଥ ଦେଇ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ରାଜ୍ୟ ସରକାରଙ୍କ ବିରୋଧରେ ଭାଜପା କର୍ମୀମାନେ ବିଭିନ୍ନ ନାରାବାଜି ଦେଇଥିଲେ। ଶୋଭାଯାତ୍ରା ବ୍ଲକ ସମ୍ମୁଖରେ ପହଞ୍ଚିବା ପରେ ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଜପା କର୍ମକର୍ତ୍ତା ରାଜ୍ୟ ସରକାରଙ୍କ ବିରୋଧରେ ଗର୍ଜିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନରସିଂ ମିଞ୍ଜ, ବରିଷ୍ଠ ଭାଜପା କର୍ମୀ ଉପେନ୍ଦ୍ର ପ୍ରଧାନ, ଜିଲା ଉପସଭାପତି ସୁରେନ୍ଦ୍ର ଦେହୁରି, କୁତ୍ରା ବ୍ଲକ ଏମ୍‌ପି ପ୍ରତିନିଧି ମହାରାଜ ମାଝି, ରାଜଗାଙ୍ଗପୁର ଏମ୍‌ପି ପ୍ରତିନିଧି ମଧୁସ୍ମିତା ରାଉତ, ଜିଲା ସଂଖ୍ୟାଲଘୁ ସମ୍ପ୍ରଦାୟର ସଭାପତି ଜୁନାସ ଲୁଗୁନ, କୁତ୍ରା 'କ' ସଭାପତି ପ୍ରଫୁଲ ସିଂ, କୁତ୍ରା 'ଖ' ସଭାପତି ରାଜେଶ ଲାକଡା, ବରିଷ୍ଠ କର୍ମୀ ରଜନିକାନ୍ତ ହୋତା, ଯୁବ ସଭାପତି ବ୍ରହ୍ମା ହେସ୍, ଅରବିନ୍ଦ ସାହୁ, ଫ୍ରାନ୍ସିସ ମିଞ୍ଜ, ଗୋକୁଳାନନ୍ଦ ସାହୁ ପ୍ରମୁଖଙ୍କ ସମେତ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ। ପରେ ବିଡ଼ିଓଙ୍କ ଅନୁପସ୍ଥିତରେ ସହକାରୀ ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।


କୁତ୍ରା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ପରେ ଦାବିପତ୍ର ଦିଆଯାଉଛି।

